ବର୍ଷ-୨୬, ସଂଖ୍ୟା-୨୦୯
ଭୁବନେଶ୍ୱର
ଅଗଷ୍ଟ ୦୪, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 209
Bhubaneswar
August, 04 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କଲେ ରାଷ୍ଟ୍ରପତି





ଭୁବନେଶ୍ୱର,୩।୮(ମହାଭରତ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିଛନ୍ତି ।କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି। କଟକର ଏହି ଅଞ୍ଚଳ 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ। ଏହା 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି। ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ର ସେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେବ ବୋଲି ଆଶା କରାଯାଉଛି।

ରାଷ୍ଟ୍ରପତି କହିଛନ୍ତି, ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ। ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବାକୁ ପଡିବ। ବିଶ୍ୱବିଦ୍ୟାଳୟଗୁଡ଼ିକର ଦାୟିତ୍ୱ ହେଉଛି ଯେ ସେମାନେ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥ ଭାବନାରେ ପରିପୂର୍ଣ୍ଣ ନାଗରିକମାନଙ୍କୁ ପ୍ରସ୍ତୁତ କରନ୍ତୁ । ଯୁବପିଢ଼ିଙ୍କ ଜ୍ଞାନ ସେତିକିବେଳେ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ଏହା ମାନବତା, ସମାଜର କଲ୍ୟାଣ ଏବଂ ରାଷ୍ଟ୍ର ପ୍ରଗତିରେ ଉତ୍ସର୍ଗୀକୃତ ହୋଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଲକ୍ଷ୍ୟ ହାସଲ କରିବାରେ ଆମର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ ଯେଉଁଠାରେ ବିକଶିତ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟା ସମାଜର ଆବଶ୍ୟକତାକୁ ପୂରଣ କରେ। ସେ ଗୁରୁତ୍ୱାରୋପ କରି କହିଛନ୍ତି, ଆଧୁନିକ ଜ୍ଞାନକୁ ଗ୍ରହଣ କରିବା ସହିତ ସେମାନଙ୍କୁ ନୈତିକ ମୂଲ୍ୟବୋଧକୁ ମଧ୍ୟ ବଜାୟ ରଖିବାକୁ ପଡିବ। ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗବେଷଣା, ନୂତନ ଉଦ୍ଭାବନ ଏବଂ ଉଦ୍‌ଯୋଗ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେବ ବୋଲି ଜାଣି ସେ ଖୁସି ହୋଇଥିଲେ । ଏହି ବିଶ୍ୱବିଦ୍ୟାଳୟ ଦକ୍ଷ ମାନବଶକ୍ତି, ଗବେଷକ ଏବଂ ଉଦ୍‌ଯୋଗୀମାନଙ୍କୁ ପ୍ରସ୍ତୁତ କରିବ ଯେଉଁମାନେ ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟରେ ଯୋଗଦାନ ଦେବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ, ମୁଁ ଆମ ମାଟିର ଗୌରବ, ଓଡ଼ିଶାର ସୁଯୋଗ୍ୟ କନ୍ୟା, ଭାରତର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଜୀଙ୍କୁ ଆଜିର ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ହାର୍ଦ୍ଦିକ ସ୍ୱାଗତ କରୁଛି । ମହାମହିମ, ଆପଣଙ୍କର ପ୍ରତ୍ୟେକ ଆଗମନ ପରି ଆଜିର ଗାରିମାମୟ ଉପସ୍ଥିତି ଓଡ଼ିଶାର ଜନମାନସରେ ନୂତନ ଉତ୍ସାହ, ଆଶା ଓ ପ୍ରେରଣା ସଞ୍ଚାର କରିଛି । ଆଜି ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଏହି ଶୁଭ ଉଦ୍‌ଘାଟନ କେବଳ ଗୋଟିଏ ନୂତନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ନୁହେଁ; ଏହା ଓଡ଼ିଶାକୁ ଉଚ୍ଚଶିକ୍ଷା, ଗବେଷଣା, ଏବଂ ନୈତିକ ଚରିତ୍ର ନିର୍ମାଣର ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ରରେ ରୂପାନ୍ତରିତ କରିବାର ନୂତନ ଯାତ୍ରା। ପରମପୂଜ୍ୟ ଜଗଦ୍‌ଗୁରୁ ଶ୍ରୀ କୃପାଳୁ ଜୀ ମହାରାଜ ଥିଲେ ଆଧୁନିକ ଯୁଗର ଜଣେ ଯୁଗପ୍ରବର୍ତ୍ତକ ସନ୍ଥ, ଯିଏ ଭାରତର ବୈଦିକ ଜ୍ଞାନ, ଆଧ୍ୟାତ୍ମିକ ଚେତନା ଏବଂ ପ୍ରେମ-ଭକ୍ତିର ବାର୍ତ୍ତାକୁ ବିଶ୍ୱବ୍ୟାପୀ ପ୍ରସାରିତ କରିଥିଲେ । ତାଙ୍କର ଅଗାଧ ଶାସ୍ତ୍ରଜ୍ଞାନ, ମାନବକଲ୍ୟାଣକାରୀ ଦର୍ଶନ ଏବଂ ନିଷ୍କାମ ସେବା ଭାବନା ପ୍ରତ୍ୟେକ ନାଗରିକଙ୍କୁ ଆଧ୍ୟାତ୍ମିକତା ସହ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ ।ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତୀୟ ମୂଲ୍ୟବୋଧ ଓ ସନାତନ ଆଦର୍ଶ ଉପରେ ପ୍ରତିଷ୍ଠିତ। ପରମପୂଜ୍ୟ ପରମହଂସ ଶ୍ରୀ ଜଗଦ୍‌ଗୁରୁ କୃପାଳୁ ଜୀ ମହାରାଜଙ୍କ ଦିବ୍ୟ ସ୍ମୃତିରେ ଗଠିତ ଏହି ମହାନ୍ ଅନୁଷ୍ଠାନ, ଆଧୁନିକ ବିଜ୍ଞାନ ଓ ବୈଷୟିକ ପ୍ରଗତି ସହିତ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ପ୍ରତିଷ୍ଠା କରିବାକୁ ଯାଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ ଖୁବ୍ ଆନନ୍ଦିତ । ପ୍ରତ୍ୟେକ ଅନୁଷ୍ଠାନ ଆଧୁନିକ ଜ୍ଞାନ ବିଜ୍ଞାନ ସହିତ ଭାରତୀୟ ସଭ୍ୟତାର ମୌଳିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଏହା ବିଦ୍ୟାର୍ଥୀମାନଙ୍କୁ ସତ୍ ମାର୍ଗରେ ଯିବା ପାଇଁ ପ୍ରେରଣା ପ୍ରଦାନ କରେ ।ଏହି ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା, କମ୍ପ୍ୟୁଟର ସାଇନ୍ସ,, ମ୍ୟାନେଜ୍‌ମେଣ୍ଟ ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ ଭଳି ଆଧୁନିକ ଯୁଗୋପଯୋଗୀ ପାଠ୍ୟକ୍ରମ ସହିତ 'ମାଇଣ୍ଡ ମ୍ୟାନେଜମେଣ୍ଟ', ମାନବିକ ମୂଲ୍ୟବୋଧ ଏବଂ ଯୋଗ ବିଜ୍ଞାନ ପାଇଁ ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ ବିଦ୍ୟାର୍ଥୀଙ୍କ ମାନସିକ ଶାନ୍ତି, ଚରିତ୍ର ଗଠନ ଓ ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ କରିବ ।

# ୧୧୦କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ , ଘରଭଙ୍ଗା ସହାୟତା ଘୋଷଣା

ଭୁବନେଶ୍ୱର,୩।୮(ମହାଭାରତ): ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ରାଜ୍ୟର ୨୨ଟି ଜିଲ୍ଲାର ୮୫ଟି ବ୍ଲକ ଓ ୧୫ଟି ପୌରାଂଚଳର ମୋଟ ୮.୬୩ଲକ୍ଷରୁ ଅଧିକ ଲୋକେ ଚଳିତ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଏହି ବନ୍ୟା ପ୍ରଭାବିତଙ୍କ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଆଜି ୧୧୦କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ପୂର୍ବରୁ ଅତ୍ୟଧିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ ୨୬କୋଟି ଟଙ୍କାର ଅଗ୍ରୀମ ସହାୟତା ଦିଆଯାଇଥିଲା। ଏବେ ପ୍ରାରମ୍ଭିକ ଆକଳନ ଆଧାରରେ ବନ୍ୟା ପ୍ରଭାବିତଙ୍କ ପାଖରେ ତୁରନ୍ତ ଆର୍ଥିକ ଓ ରିଲିଫ ସହାୟତା ପହଂଚାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ, ୧୫ଟି ପୌରାଂଚଳ ଓ ୬୫୬ଟି ପଂଚାୟତର ୮.୬୩ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।ବନ୍ୟା ଯୋଗୁ ରାଜ୍ୟରେ ୬ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି। ସେମାନଙ୍କ ପରିବାରକୁ ନିୟମାନୁସାରେ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୨୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ସେହିପରି ବନ୍ୟାରେ ପ୍ରାୟ ୩୫୬୭ଟି ଘର ନଷ୍ଟ ହୋଇଛ ଓ ୩୩,୪୫୮ହେକ୍ଟରରୁ ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ପ୍ରାରମ୍ଭିକ ଆକଳନରୁ ଜଣାପଡିଛି। ବନ୍ୟା ଯୋଗୁ ସର୍ତ୍ତକତାମୂଳକ ପଦକ୍ଷେପ ସ୍ୱରୂପ ୨.୬୭ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଂଚଳରେ ୫୨୯ଟି ରିଲିଫ କେନ୍ଦ୍ର, ୩୧ଟି ପଶୁ ଶିବିର ଖୋଲାଯାଇ ରନ୍ଧା ଖାଦ୍ୟ, ପାନୀୟ ଜଳ, ଚୁଡ଼ା ଗୁଡ଼, ପଲିଥିନ ସିଟ୍ ଓ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ବିଶେଷକରି ବାଲେଶ୍ୱର, ଭଦ୍ରକ,ଯାଜପୁର ଜିଲ୍ଲାରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ଓ ସ୍ୱାସ୍ଥ୍ୟସେବା ଜାରି ରହିଛି। ଏହି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ୨୦ଟି ଓଡ୍ରାଫ, ୭ଟି ଏନଡିଆରଏଫ ଓ ୧୭୨ଟି ଅଗ୍ନିଶମ ବାହିନୀର ଟିମକୁ ମିଶାଇ ମୋଟ ୧୯୯ଟି ଟିମ୍ ନିରନ୍ତର ଭାବେ କାର୍ଯ୍ୟରତ ଥିବା ସୂଚନା ମିଳିଛି।କ୍ଷତିଗ୍ରସ୍ତ ବାସଗୃହଗୁଡିକ ପାଇଁ ସରକାର ୪ହଜାର ଟଙ୍କାରୁ ୧.୨୦ଲକ୍ଷ





ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ପ୍ରଦାନ କରିବେ। ସେହିପରି ଚାଷୀମାନଙ୍କ ଫସଲ କ୍ଷତି ପାଇଁ ଜମିର କିସମ ଅନୁସାରେ ହେକ୍ଟର ପିଛା ୮୫୦୦ରୁ ୨୨୫୦୦ଟଙ୍କା ପର୍ଯ୍ୟନ୍ତ ଏବଂ ମୃତ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆର୍ଥିକ କ୍ଷତିପୂରଣର ଘୋଷଣା ହୋଇଛି।ଏହି ସମସ୍ତ ସହାୟତା ତୁରନ୍ତ ପ୍ରଭାବିତ ଲୋକଙ୍କୁ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ଘରବାଡି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡିଆ ଘର ପାଇଁ ୮୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩୦୦୦ ଟଙ୍କା ଦିଆଯିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮୫୦୦ ଟଙ୍କା, ଜଳସେଚିତ ଜମିରେ ୧୭ହଜାରଟଙ୍କା ଓ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ।

ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪ହଜାର ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡା ପିଛା ୩୨ହଜାର ଟଙ୍କା, ବାଛୁରୀ, ଗଧ ଓ ଖଚର ପିଛା ୨୦ହଜାର ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀରୁ ଫେରି ୧ତାରିଖରେ ଆକାଶମାର୍ଗରୁ ବନ୍ୟାଂଚଳର ସ୍ଥିତି ଅନୁଧ୍ୟାନ କରିବା ପରେ ଶନିବାର ୪ଜଣ ମନ୍ତ୍ରୀଙ୍କୁ ବନ୍ୟା ପ୍ରଭାବିତ ଜିଲ୍ଲାରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ ପାଇଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ରହି ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ବନ୍ୟାଂଚଳରେ ସ୍ୱାଭାବିକ ସ୍ଥିତି ଫେରି ନଆସିବା ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଗୁଡ଼ିକୁ ଗ୍ରାଚୁଇଟସ୍ ରିଲିଫ ଯୋଗାଇ ଦିଆଯିବ। ସରକାରଙ୍କ ଏହି ୧୧୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ପ୍ରାରମ୍ଭିକ ହୋଇଥିବାବେଳେ ବନ୍ୟାଜଳ ହ୍ରାସ ପାଇବା ପରେ ସମ୍ପୂର୍ଣ୍ଣ କ୍ଷୟକ୍ଷତି, ରାସ୍ତାଘାଟ, ପୋଲ ଓ ଭିତ୍ତିଭୂମିର କ୍ଷତି ଅନୁଧ୍ୟାନ କରି ଚୂଡାନ୍ତ ଆକଳନ ଆଧାରରେ ଆବଶ୍ୟକ ସହାୟତା ସରକାର ଯୋଗାଇ ଦେବେ ବୋଲି ସ୍ପଷ୍ଟ କରିଛନ୍ତି।

# ପେପର ଲିକ୍ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୩।୮: ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ପିଜି ଶେଷ ବର୍ଷ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ତଦନ୍ତ କରିବ କ୍ରାଇମବ୍ରାଞ୍ଚ । ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି ।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ ଏହି ମାମଲାର ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲ ହେବା ପଛରେ କେଉଁମାନଙ୍କ ହାତ ରହିଛି ଏବଂ ଏହା କେଉଁଠାରୁ ଆରମ୍ଭ ହୋଇଥିଲା ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ବର୍ତ୍ତମାନ ଘଟଣାର ପ୍ରାଥମିକ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଓ ଖୋଳତାଡ଼ ଜାରି ରହିଛି। ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ସୂଚନା ଥାଉ କି ଗତ ଜୁଲାଇ ୨୧ ତାରିଖରୁ ଏମକେସିଜି ମେଡିକାଲ କଲେଜରେ ପିଜି ଶେଷ ବର୍ଷ ପରୀକ୍ଷା ଆରମ୍ଭ ହୋଇଥିଲା । ତେବେ ପରୀକ୍ଷା ଚାଲିଥିବା ବେଳେ ଜୁଲାଇ ୨୭ ତାରିଖରେ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଖବର ଜଣାପଡ଼ିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଚର୍ଚ୍ଚାର ବିଷୟ ପାଲଟିଥିଲା । ପ୍ରଶ୍ନପତ୍ର ଭାଇରାଲ ହେବା ପରେ ଏମକେସିଜି କୁଳପତି ଘଟଣାକୁ ଗୁରୁତର ସହ ନେଇଥିଲେ। ତୁରନ୍ତ ଘଟଣାର ତଦନ୍ତ ପାଇଁ ଏକ ଆଭ୍ୟନ୍ତରୀଣ ଟିମ୍ ଗଠନ କରାଯାଇଥିଲା ।

# କେରଳରେ ବର୍ଷା ଓ ବନ୍ୟାର ତାଣ୍ଡବ: ୧୫ ମୃତ

ତିରୁବନନ୍ତପୁରମ,୩।୮(ମହାଭାରତ): କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି ।ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି। କୋଲ୍ଲାମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଲ୍ଲାମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି।

# ବିକେପିପିଇଆର୍ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୩।୮(ମହାଭାରତ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆର୍) କୁ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍‌ଏଲପିଏମସି) ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ଚାରିଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) କୁ ସାମିଲ କରାଯାଇଛି। ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି। ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ ।ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ବନ୍ଦରଭିତ୍ତିକ ଶିଳ୍ପ, ଜ୍ଞାନଭିତ୍ତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା। ପ୍ରକଳ୍ପଟି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ। ପ୍ରସ୍ତାବିତ ବିକେପିପିଇଆର୍ ଅଞ୍ଚଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ସାମିଲ ହୋଇଛି ।

ପ୍ରକଳ୍ପ ଅଧୀନରେ ସମନ୍ୱିତ ଆଞ୍ଚଳିକ ପରିବହନ ବ୍ୟବସ୍ଥା (ରିଜିଓନାଲ ମୋବିଲିଟି), ସ୍ମାର୍ଟ ଓ ଜଳବାୟୁ ଅନୁକୂଳ ସହରୀ ଭିତ୍ତିଭୂମି, ସାଧାରଣ ପରିବହନ ବ୍ୟବସ୍ଥାର ବିସ୍ତାର, ମଲ୍ଟିମୋଡାଲ ହବ୍, କର୍ମଜୀବୀଙ୍କ ପାଇଁ ଆବାସ, ଭୁବନେଶ୍ୱର ନୂତନ ସହର, ସହର ପୁନର୍ବିକାଶ, ନଦୀତଟ ଓ ଜଳାଶୟ ବିକାଶ, ବନ୍ଦର ଭିତ୍ତିକ ଶିଳ୍ପ, ଜ୍ଞାନ ଓ ସ୍ୱାସ୍ଥ୍ୟ ହବ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରହିଛି। ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ପରେ ଏହାକୁ ଅର୍ଥ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ ଆଫେୟାର୍ସ (ଡିଇଏ) ପୋର୍ଟାଲରେ ଅପଲୋଡ୍ କରାଯାଇ ପରବର୍ତ୍ତୀ ମୂଲ୍ୟାଙ୍କନ ଓ ଅନୁମୋଦନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଉପନିର୍ବାଚନରେ ବିଜେପିକୁ ଝଟ୍‌କା, ଜିତିଲେ ପିକେ

ନୂଆଦିଲ୍ଲୀ,୩।୮(ମହାଭାରତ):: ବିହାର, ମଧ୍ୟପ୍ରଦେଶ ଉପନିର୍ବାଚନରେ ବିଜେପିକୁ ଝଟକା ମିଳିଛି। ତେବେ ଗୁଜରାଟରେ ବିଜେପିକୁ ସଫଳତା ମିଳିଛି। ଚର୍ଚ୍ଚିତ ବିହାରର ବାଙ୍କିପୁର ଉପ ନିର୍ବାଚନରେ ବିଜେପିର ନୀରଜ କୁମାରଙ୍କୁ ୧୮,୯୫୩ ଖଣ୍ଡ ଭୋଟରେ ହରାଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି ପ୍ରଶାନ୍ତ କିଶୋର। ପିକେ ବିଜେପିର ଗଡରେ ପଦ୍ମକୁ ଭୁଶୁଡାଇବାକୁ ସକ୍ଷମ ହୋଇପାରିଛନ୍ତି। ସେହିପରି ବିଜେପି ଶାସିତ ମଧ୍ୟପ୍ରଦେଶରେ କଂଗ୍ରେସର ବଡ ବିଜୟ। ରାଜ୍ୟର ଦତିଆ ଉପ ନିର୍ବାଚନରେ ବାଜି ମାରି ନେଇଛି କଂଗ୍ରେସ। ଦତିଆ ଉପ ନିର୍ବାଚନରେ କଂଗ୍ରେସର ଘନଶ୍ୟାମ ସିଂହ ସବୁ ଆକଳନକୁ ଭୁଲ ସାବ୍ୟସ୍ତ କରି ବିଜେପିର ଆଶୁତୋଷ ତିୱାରୀଙ୍କୁ ହରାଇ ଦେଇଛନ୍ତି। ମାତ୍ର ୬,୦୧୬ ଖଣ୍ଡ ଭୋଟରେ ଘନଶ୍ୟାମ ଦତିଆରୁ ବିଜୟୀ ହୋଇଛନ୍ତି। ଏହି ରେଜଲ୍ଟ କଂଗ୍ରେସକୁ ମଧ୍ୟ ରାଜ୍ୟରେ ବଳ ଦେଇଛି।



ମଧ୍ୟପ୍ରଦେଶରେ କଂଗ୍ରେସର ଘନଶ୍ୟାମ ସିଂହ ୬୬,୭୫୭ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଆଶୁତୋଷ ତିୱାରୀ ୫୭,୨୭୭ ଖଣ୍ଡ ଭୋଟ ପାଇଛନ୍ତି। ଅର୍ଥାତ ଶ୍ରୀ ସିଂହ ୬,୦୧୬ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଉପ ନିର୍ବାଚନ ବିଜୟ ପରେ କଂଗ୍ରେସ କର୍ମୀମାନେ ଭୋପାଲ ମୁଖ୍ୟାଳୟରେ ଉତ୍ସବ ପାଳନ କରିଛନ୍ତି। ବିଜେପି ଠାରୁ କ୍ରମାଗତ ହାରୁଥିବା କଂଗ୍ରେସକୁ ଏହି ବିଜୟ କିଛିଟା ଆଶ୍ୱସ୍ତି ଦେଇଛି। ମୁଖ୍ୟାଳୟରେ ଦୀର୍ଘଦିନ ପରେ କଂଗ୍ରେସ କର୍ମୀମାନେ ଡ୍ୟାନ୍ସ କରିବା ସହ ଢୋଲ ବଜାଇଛନ୍ତି।୨୦୨୩ ମଧ୍ୟପ୍ରଦେଶର ଦତିଆରେ ନିର୍ବାଚନ ହାରିଥିବା ଡକ୍ଟର ନରୋତ୍ତମ ମିଶ୍ରା ଏଠାରୁ ପୁଣି ଲଢ଼ିବାକୁ ଗୋଡ ଟେକି ବସିଥିଲେ। ୪ ମାସ ହେଲା ସେ ପ୍ରଚାର କାମରେ ମଧ୍ୟ ଲାଗି ପଡିଥିଲେ। ସେ ଦତିଆ ଗସ୍ତ କରି କର୍ମୀମାନଙ୍କୁ ଭେଟିଥିଲେ।

ଗଡ ବଞ୍ଚାଇବାରେ ବିଜେପି ଫେଲ। କାମ ଦେଲାନି କୌଣସି ରଣନୀତି। ଶେଷରେ ବିହାରର ବାଙ୍କିପୁରରେ ମାଟି କାମୁଡିଛି ଶାସକ ଦଳ। ନିଜର ୩୦ ବର୍ଷ ପୁରୁଣା ଗଡକୁ ବଞ୍ଚାଇବାକୁ ବିଜେପି ପ୍ରାଣ ମୂର୍ଚ୍ଛା ଉଦ୍ୟମ କଲା। ଦଳର ହେଭିୱେଟ ଆସି ପ୍ରଚାର କଲେ। ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକାଧିକ ମନ୍ଦିର ଯାଇ ଧର୍ମ କାର୍ଡ ଖେଳିଲେ। ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜେ ନିଜ ଗଡରେ ପ୍ରଚାର କଲେ। ତଥାପି ଏସବୁ ପ୍ରଥମଥର ନିର୍ବାଚନ ଲଢୁଥିବା ପ୍ରଶାନ୍ତ କିଶୋରଙ୍କ ଆଗରେ ଫିକା ପଡି ଯାଇଛି। ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ବନିଥିବା ପ୍ରଶାନ୍ତ କିଶୋର ଓରଫ ପିକେ ସମସ୍ତଙ୍କୁ ଜଳକା କରି ଦେଇଛନ୍ତି। ସେ ବାଙ୍କିପୁର ଉପ ନିର୍ବାଚନରେ ବିଜେପିର ନୀରଜ କୁମାରଙ୍କୁ ୧୮,୯୫୩ ଖଣ୍ଡ ଭୋଟରେ ହରାଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ପିକେ ବିଜେପିର ଗଡରେ ପଦ୍ମକୁ ଭୁଶୁଡାଇବାକୁ ସକ୍ଷମ ହୋଇପାରିଛନ୍ତି। ୧୯୯୫ରୁ ଏହି ଆସନକୁ ବିଜେପି ଜିତି ଆସୁଥିଲା। ପ୍ରଥମେ ଏହା ପାଟନା ୱେଷ୍ଟ ନିର୍ବାଚନ ମଣ୍ଡଳୀରେ ରହିଥିଲା। ୧୯୯୫ରୁ ନୀତୀନ ନବୀନଙ୍କ ବାପା ନବୀନ କିଶୋର ପ୍ରସାଦ ସିହ୍ନା ଏଠାରୁ ଜିତି ଆସୁଥିଲେ। ୨୦୦୫ ନିର୍ବାଚନ ଜିତିବାର ଗୋଟିଏ ବର୍ଷ ପରେ ତାଙ୍କର ଦେହାନ୍ତ ହୋଇଥିଲା। ୨୦୦୬ ଉପ ନିର୍ବାଚନରେ ନୀତୀନ ନବୀନ ଏଠାରେ ପ୍ରଥମ ଜିତିଥିଲେ ।କିନ୍ତୁ ୨୦୦୮ ସୀମା ନିର୍ଦ୍ଧାରଣ ପରେ ଏହା ବାଙ୍କିପୁର ନିର୍ବାଚନ ମଣ୍ଡଳୀ ହୋଇ ଯାଇଥିଲା। ତଥାପି ନୀତୀନ ନବୀନ ୨୦୧୦ରୁ ଏଠାରେ ଜିତି ଆସୁଥିଲେ। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ସେ ରାଜ୍ୟସଭାକୁ ଯିବାରୁ ବାଙ୍କିପୁରରେ ଉପ ନିର୍ବାଚନ ହୋଇଥିଲା। ଆଉ ବିଜେପି ୩୦ ବର୍ଷ ପରେ ବାଙ୍କିପୁର ଆସନ ଜଣେ ଡେବ୍ୟୁଟାଣ୍ଟ ପାଖରେ ହରାଇଛି। ଅନ୍ୟପକ୍ଷରେ ଗୁଜରାଟରେ ବିଜେପି ପ୍ରାର୍ଥୀ ୩୦୬୩୦ ଖଣ୍ଡ ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇଛନ୍ତି।

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



### ଖବର

## ଦେଶ ବିଦେଶ ସବୁଠି ବିଜୟଙ୍କ 'ଜନ ନାୟଗନ୍'ର କ୍ରେଜ୍



ଥାଲାପତି ବିଜୟଙ୍କ ସର୍ବଶେଷ ଫିଲ୍ମ 'ଜନ ନାୟଗନ୍' ତାର ଜୟଯାତ୍ରା ଜାରି ରଖିଛି । ଦୀର୍ଘ ପ୍ରତୀକ୍ଷାର ଅନ୍ତ ପରେ ସିନେମା ହଲରେ ବେଶ୍ ଭଲ ପ୍ରଦର୍ଶନ କରୁଛି । ଯାହା ପ୍ରଶଂସକଙ୍କ ଉତ୍ସାହ ବଢ଼ାଇଛି। ପୂର୍ବ ଦିନ ତୁଳନାରେ କଲେକସନ୍ ବୃଦ୍ଧି ପାଇଛି। 'ଜନ ନାୟଗନ୍' ୧୧ ଦିନରେ ୪,୩୨୧ଟି ସୋ' ମାଧ୍ୟମରେ ଭାରତରେ ମୋଟ କୋଟି ୭୦ ଲକ୍ଷ ଟଙ୍କାର ନେଟ୍ ସଂଗ୍ରହ କରିଛି ।ତେବେ ଭାରତରେ ଏହା ୨୦୪ କୋଟି ୯୨ ଲକ୍ଷ ଟଙ୍କା ରୋଜଗାର କରି ସାରିଲାଣି । ଆଉ ବିଦେଶରେ ୯୧ କୋଟି ଆୟ କରିଛି । ମୋଟ୍ ୨୯୫.୯୨ କୋଟି ଟଙ୍କା ଆୟ କରିଛି ଏହି ଫିଲ୍ମ ।ଆଜି ୧୨ ଦିନରେ ଏପର୍ଯ୍ୟନ୍ତ କୋଟିଏ ୯୪ ଲକ୍ଷ ଟଙ୍କା ଆୟ କରିଛି ଏହି ଫିଲ୍ମ । ଥାଲାପତି ବିଜୟ ଏବେ ତାମିଲନାଡୁର ମୁଖ୍ୟମନ୍ତ୍ରୀ । ନିଜର ନିଷ୍ପତ୍ତିଗୁଡ଼ିକ ଯୋଗୁଁ ବେଶ୍ ଲୋକପ୍ରିୟ ହୋଇଛନ୍ତି ବିଜୟ । ବିଶେଷ କରି ଯୁବପି ତାଙ୍କୁ ଖୁବ୍ ପସନ୍ଦ କରୁଛନ୍ତି । ଦକ୍ଷିଣର ସୁପର ଷ୍ଟାର ବିଜୟଙ୍କ ଜନ ନାୟଗନ ଦେଖିବାକୁ ଏବେବି ଦର୍ଶକଙ୍କ ଭିତରେ କ୍ରେଜ୍ ରହିଛି ତେବେ ୨୦୦ କୋଟି ପାର୍ କଲା ପରେ ଟିକେ ଧିମେଇ ଯାଇଛି ।

## ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ



୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

## ନିୟମିତ ସପୁରୀ ଜୁସ୍ ପିଇଲେ ରହିବେ ଫିଟ୍

ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ । ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା । ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍ ର ଏକମାତ୍ର ଖାଦ୍ୟ ଉତ୍ସ । ଶୀତଦିନେ ଘଟୁଥିବା ଅନେକ ରୋଗର ଚିକିତ୍ସା ପାଇଁ ଏହି ଏନଜାଇମ୍ ବ୍ୟବହୃତ ହୁଏ। ଏପରି



ପରିସ୍ଥିତିରେ, ଆମେ ଆପଣଙ୍କୁ ଏଠାରେ କହିବୁ ସପୁରୀ ଜୁସ୍ ପିଇବା ଦ୍ୱାରା କଣ ଫାଇଦା ମିଳେ।

କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ମିଳିଥାଏ ?

ସପୁରୀ ଜୁସରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ। ବ୍ରଣ ମୁକ୍ତ ହୁଏ- ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ । ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି । ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରୀ ହୋଇଯାଏ । ଏହା ପେଟକୁ ଯନ୍ତ୍ରଣା ଦିଏ । ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ ।

ପ୍ରତିରୋଧକ ଶକ୍ତି: ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ । ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ ।

## ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧା



ଭଗବାନ ଶ୍ରୀକୃଷ୍ଣଙ୍କ ଏକତ୍ର ମୂର୍ତ୍ତି ଦେଖାଯିବା ବିରଳ। ସର୍ବଦା ଦେବୀ ରାଧାଙ୍କ ସହ ତାଙ୍କୁ ପୂଜା କରାଯାଇଥାଏ। ବୃନ୍ଦାବନରେ କଟିଥିଲା ଭଗବାନ କୃଷ୍ଣଙ୍କ ପିଲାଦିନ। ସେଠାରୁ କିଛି ଦୂରରେ ଥିବା ରେପଲ୍ଲୀ ନାମକ ସ୍ଥାନରେ ଦେବୀ ରାଧାଙ୍କ ଘର ଥିଲା। ମାତ୍ର ପ୍ରତିଦିନ ଶ୍ରୀକୃଷ୍ଣଙ୍କ ସୁମଧୁର ବଇଁଶୀ ସ୍ୱର ଶୁଣି ସେ ବୃନ୍ଦାବନକୁ ଦୌଡ଼ି ଚାଲିଆସୁଥିଲେ। ସେ ଭଗବାନ କୃଷ୍ଣଙ୍କ ଠାରୁ ୫ ବର୍ଷ ବଡ଼ ଥିଲେ। ଶ୍ରୀକୃଷ୍ଣଙ୍କ ବଇଁଶୀ ସ୍ୱର ଶୁଣି ଅନ୍ୟ ଗୋପୀମାନେ ମଧ୍ୟ ଆସୁଥିଲେ। ତେବେ ସେମାନେ ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱରରେ ମୁଗ୍ଧ ହୋଇଯିବା ସମୟରେ ଶ୍ରୀକୃଷ୍ଣ ସେମାନଙ୍କୁ ଛାଡ଼ି ରାଧାଙ୍କ ନିକଟକୁ ଚାଲିଯାଉଥିଲେ। ଏହିପରି ଚାଲିଥିବା ସମୟରେ ଧୀରେ ଧୀରେ ସେ ସମୟ ନିକଟସ୍ଥ ହେଉଥିଲା, ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ଛାଡ଼ି ବୃନ୍ଦାବନରୁ ମଥୁରା ଯିବାର ଥିଲା। ମାମୁ କଂସର ଆମନ୍ତ୍ରଣକ୍ରମେ କୃଷ୍ଣ-ବଳରାମ ମଥୁରା ବାହାରିଲେ। ଏହି ଖବର ଶୁଣିବା ପରେ ସମଗ୍ର ବୃନ୍ଦାବନବାସୀ ଦୁଃଖରେ ଭାଙ୍ଗିପଡ଼ିଲେ। ସବୁଠୁ ବେଶୀ ପୀଡ଼ା ଅନୁଭବ କରିଥିଲେ ମାତା ଯଶୋଦା ଏବଂ ଦେବୀ ରାଧା। ବିଦାୟ ନେବାର ବେଳ ଆସିବାରୁ ଭଗବାନ ଶ୍ରୀକୃଷ୍ଣ ଭାବିଲେ, ଥରୁଟିଏ ଯାଇ ରାଧାଙ୍କୁ ଦେଖା କରି ଆସିବେ। ଦୁହେଁ ପରସ୍ପରକୁ ଭେଟିଲେ। ଶ୍ରୀକୃଷ୍ଣଙ୍କ ମୁଖରେ ଭାଷା ନଥିଲା। ରାଧାଙ୍କ ଚକ୍ଷୁରୁ ଧାର ଧାର ଅଶ୍ରୁ ନିଗିଡ଼ି ପଡୁଥିଲା। ଦୁହେଁ ପରସ୍ପରର ସମ୍ମୁଖରେ ଛିଡ଼ା ହୋଇଥିଲେ ବି କେହି ପଦୁଟିଏ ବି କଥା କହୁନଥିଲେ। ଉଭୟ ପରସ୍ପରର ହୃଦୟକୁ ଖୁବ୍ ଭଲ ଭାବେ ପଢ଼ି ନେଉଥିଲେ। ସେଥିପାଇଁ ନିରବ ଥିଲେ ବି ସେମାନେ ମନେ ମନେ ଯାହା ବାର୍ତ୍ତାଳାପ କରିବା କଥା କରିନେଲେ। ଶେଷରେ ରାଧାଙ୍କ ଠାରୁ ବିଦାୟ ନେଇ ଶ୍ରୀକୃଷ୍ଣ ଫେରିଲେ। ଅନ୍ୟପଟେ ବୃନ୍ଦାବନ ଛାଡ଼ି ଚାଲିଯିବା ଲାଗି ଗୋପୀଙ୍କୁ ମଧ୍ୟ ରାଜି କରେଇନେଲେ । ଶ୍ରୀକୃଷ୍ଣ ଚାଲିଯିବା ପରେ ସାରା ବୃନ୍ଦାବନ ଖାଁ ଖାଁ ହୋଇଗଲା। ସମସ୍ତେ କୃଷ୍ଣଙ୍କୁ ଝୁରୁଥିଲେ, କାନ୍ଦୁଥିଲେ ଆଉ ତାଙ୍କ ଅନୁପମ ଲୀଳାକୁ ମନେ ପକାଉଥିଲେ। ରାଧା କିନ୍ତୁ ଥିଲେ ନିରବ ଏବଂ ନିଶ୍ଚଳ। ତାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ବିରହର କୌଣସି ପ୍ରତିକ୍ରିୟା ନଥିଲା। କାରଣ ସେ ଜାଣିଥିଲେ ଯେ ଶ୍ରୀକୃଷ୍ଣ ହୁଏତ' ଶାରୀରିକ ଭାବେ ତାଙ୍କ ଠାରୁ ଦୂରେଇ ଯାଇଛନ୍ତି, କିନ୍ତୁ ଏବେ ବି ସେ କୃଷ୍ଣଙ୍କ ସତ୍ତାକୁ ନିଜ ମନପ୍ରାଣରେ ଅନୁଭବ କରିପାରୁଛନ୍ତି। ଶେଷରେ ରାଧାଙ୍କୁ ବିବାହ କରିବାକୁ ପଡ଼ିଥିଲା। ସେ ଗୃହସ୍ଥ ଧର୍ମ ପାଳନ କଲେ। ତାଙ୍କର ବୃଦ୍ଧାବସ୍ଥା ଆସିଗଲା। ବୃଦ୍ଧାବସ୍ଥାରେ ଦିନେ ସେ ଲୁଚି ଲୁଚି ଶ୍ରୀକୃଷ୍ଣଙ୍କ ନଗରୀ ଦ୍ୱାରୀକାରେ ପହଞ୍ଚିଗଲେ। ଥରକେ ତାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଭେଟିବାକୁ ସୁଯୋଗ ମିଳିଲା ନାହିଁ। ତେବେ ଭିଡ଼ ଭିତରେ ସେ କୃଷ୍ଣଙ୍କୁ ଖୋଜିନେଲେ। ରାଧାଙ୍କୁ ଦେଖି ଶ୍ରୀକୃଷ୍ଣ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଲେ। ସେତେବେଳେ ମଧ୍ୟ ଶ୍ରୀକୃଷ୍ଣ କିମ୍ବା ରାଧାଙ୍କ ପାଟିରେ ପଦୁଟିଏ କଥା ବାହାରିଲା ନାହିଁ। କାରଣ ଦୁହେଁ ପରସ୍ପରର ମାନସିକ ସଙ୍କେତ ବୁଝିପାରୁଥିଲେ। ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ ନିଜ ମହଲରେ ଜଣେ ଦେବୀକା ରୂପରେ ରହିବା ଲାଗି କହିଲେ। ଦେବୀ ରାଧା ମହଲ କିଛିଦିନ ରହିଲେ। ଇଚ୍ଛା ହେଲେ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ। ଏମିତି କିଛିଦିନ ବିତିଯିବା ପରେ ଥରେ ରାଧାଙ୍କ ମନ ଅସ୍ଥିର ହୋଇଉଠିଲା। ପୁଣିଥରେ ଶ୍ରୀକୃଷ୍ଣଙ୍କ ବିରହ ଆଶଙ୍କା ତାଙ୍କୁ ବ୍ୟଥିତ କରୁଥିଲେ। ଏମିତିରେ ଦିନେ ସେ ଦ୍ୱାରୀକା ମହଲ ଛାଡ଼ିଚାଲିଗଲେ। ଏମିତି ଚାଲି ଚାଲି ସେ ଏକ ଏକାନ୍ତ ସ୍ଥାନରେ ପହଞ୍ଚିଗଲେ। ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ହୋଇଥିବାରୁ ସେ ସବୁକିଛି ଜାଣିନେଉଥିଲେ। ସେ ଜାଣିଥିଲେ ଯେ ଦେବୀ ରାଧାଙ୍କ ଦେହତ୍ୟାଗର ସମୟ ଆସିଯାଇଛି। ଏହି ସମୟରେ ରାଧା ତାଙ୍କୁ ସ୍ମରଣ କଲେ। ଶ୍ରୀକୃଷ୍ଣ ଦେବୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ କିଛି ବର ମାଗିବାକୁ କହିଲେ। ଦେବୀ ରାଧା କିନ୍ତୁ ମନାକଲେ। ଶ୍ରୀକୃଷ୍ଣ ତାଙ୍କୁ କିଛି ଦେବାକୁ ଚାହୁଁଥିଲେ, କାରଣ ସାରା ଜୀବନ ଦେବୀ ରାଧା ତାଙ୍କୁ କେବେ କିଛି ମାଗିନଥିଲେ। ଶେଷରେ ଦେବୀ ରାଧା ବଂଶୀ ସ୍ୱର ଆଉଥରେ ଶୁଣିବାକୁ ଚାହିଁଲେ। ଅତି ମଧୁର ସ୍ୱରରେ କୃଷ୍ଣ ବଂଶୀ ବଜାଇଲେ। ସେହି ସ୍ୱରରେ ବିହ୍ୱଳିତ ହୋଇ ଦେବୀ ରାଧା ଏ ସଂସାରରୁ ବ୍ରହ୍ମଲୋକ ଦିଗରେ ପ୍ରସ୍ଥାନ କଲେ।

## ଓଜନ କମାଇଦେବ 'କାକୁଡି ଡାଏଟ୍'

କୌଣସି ବ୍ୟକ୍ତି ଶରୀରର ଅଧିକ ଓଜନ ପସନ୍ଦ କରନ୍ତି ନାହିଁ। ମୋଟାପଣ କେବଳ ବ୍ୟକ୍ତିର ସୌନ୍ଦର୍ଯ୍ୟ ନଷ୍ଟ କରି ନଥାଏ ନାହିଁ ବରଂ ଅନେକ ରୋଗର କାରଣ ମଧ୍ୟ



ହୋଇଥାଏ। ତେଣୁ ଓଜନ କମାଇବା ପାଇଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଅନୁସରଣ କରିବାକୁ ପରାମର୍ଶ ଦେଇଥାନ୍ତି। ଯେଉଁଥିରେ କାକୁଡି ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହି ଡାଏଟ୍ ଅନୁସରଣ କରିବା ପୂର୍ବରୁ, ଜାଣି ରଖନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ। ଓଜନ ହ୍ରାସ କରିବାରେ କାକୁଡି ଡାଏଟ୍ ଅନେକ ସାହାଯ୍ୟ କରିଥାଏ। ଏହି ଡାଏଟ୍ କୁ ଅନୁସରଣ କରୁଥିବା ଲୋକମାନେ ଅତି ସହଜରେ ୭ ରୁ ୧୪ ଦିନ ମଧ୍ୟରେ ୭ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ହ୍ରାସ କରିଥାନ୍ତି। ଏହି ଡାଏଟ୍ ରେ କାକୁଡି ତୁଳନାରେ ଅନ୍ୟ ଫଳ ଏବଂ ପନିପରିବାକୁ ସର୍ବନିମ୍ନ ସ୍ତରରେ ରଖିବାକୁ ପରାମର୍ଶ ଦିଆଯାଇଥାଏ। ଉଦାହରଣ ସ୍ୱରୂପ, ଏହି ଖାଦ୍ୟରେ ମୁଖ୍ୟତଃ କିଛି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା ଅଣ୍ଡା, ଚିକେନ୍, ମାଛ ଏବଂ ବାଦାମ ସାମିଲ କରାଯାଇଥାଏ। କାକୁଡି ଡାଏଟ୍ ଅନୁସରଣ କରୁଥିବା ବ୍ୟକ୍ତିଙ୍କୁ ଅଧିକାଂଶ ଖାଦ୍ୟରେ କାକୁଡି ଖାଇବାକୁ ପରାମର୍ଶ ଦିଅ।ଯାଇଥାଏ। ଏହି ଡାଏଟ୍ ଅନୁଯାୟୀ, ଯେତେବେଳେ ବି ବ୍ୟକ୍ତିଙ୍କୁ ଭୋକଲାଗେ, ସେ କାକୁଡି ଖାଇବା ଉଚିତ। କାକୁଡିରେ କ୍ୟାଲୋରୀ କମ୍ ଥିବାରୁ ଆପଣ ଯେତେ ଚାହିଁବେ ଖାଇପାରିବେ। ଏହା ବ୍ୟତୀତ କାକୁଡିରେ ପ୍ରୋଟିନ୍ କମ୍ ରହିଥାଏ, ତେଣୁ ଏହି ଡାଏଟ୍ କୁ ରୁଟିନ୍ ରେ ସାମିଲ କରିବାବେଳେ କାକୁଡି ସହିତ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରିକି ଅଣ୍ଡା, ମାଂସ, ପନିର, ଏବଂ ବାଦାମକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଉଚିତ। କାକୁଡି ଡାଏଟରେ କମ୍ କ୍ୟାଲୋରୀ ଥିବା ହେତୁ ଏହା ଜଣେ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଓଜନ ହ୍ରାସ କରିପାରେ, କିନ୍ତୁ ଯେମିତି ବ୍ୟକ୍ତି ନିଜର ପୁରୁଣା ଡାଏଟ୍ ଅନୁସରଣ କରିବା ଆରମ୍ଭ କରେ, ତା'ର ଓଜନ ମଧ୍ୟ ପୁଣି ବଢିଯାଇଥାଏ। ଏହା ବିଶେଷକରି ସେତେବେଳେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ପୁନର୍ବାର ଖାଇବା ଏବଂ ପିଇବା ଅଭ୍ୟାସ ଉପରେ ନିୟନ୍ତ୍ରଣ ହରାଇ ନିଜ ଡାଏଟ୍‌ରେ ପୁଷ୍ଟିକର ସମ୍ବନ୍ଧୀୟ ଜିନିଷକୁ ସାମିଲ କରିନଥାଏ। ତେଣୁ, ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବା କିମ୍ବା କମାଇବା ସହିତ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଆହୁରି ଉନ୍ନତ ରଖିବା ପାଇଁ, ଆପଣଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ।

# ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ



ଭୁବନେଶ୍ୱର,୩।୮ (ମହାଭାରତ): ଜାତୀୟ ଖାଦ୍ୟ ତୈଳ ମିଶନ-ଅଏଲ ପାମ୍ ଅନ୍ତର୍ଗତ ରନ୍ଧନ ତୈଳ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଶୁକ୍ରବାର ଦିନ ମିଶନ-ଅଏଲ ପାମ (ଏନଏମଇଓ-ଓପି)ର କାର୍ଯ୍ୟକାରିତାର ସ୍ଥିତି ଉପରେ ଲୋକଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଭାରତର ଆମଦାନି ନିର୍ଭରତା କମାଇବା ପାଇଁ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହା ଜାତୀୟ ଅର୍ଥନୀତିକୁ ମଜବୁତ କରିବ, ବିଦେଶୀ ମୁଦ୍ରା ସଂଚୟ କରିବ ଏବଂ ଖାଦ୍ୟ ନିରାପତା ବଢ଼ାଇବ ବୋଲି ରାଜ୍ୟପାଳ କହିଥିଲେ । କୃଷିପ୍ରଧାନ ଦେଶ ହୋଇଥିବା ସତ୍ତ୍ୱେ ଭାରତ ଏପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ଖାଦ୍ୟ ତୈଳ ଆମଦାନି କରୁଛି, ଯାହା ଫଳରେ ବିଦେଶୀ ମୁଦ୍ରାର ବହୁଳ ପରିମାଣରେ ବାହ୍ୟପ୍ରବାହ ହେଉଛି ବୋଲି ରାଜ୍ୟପାଳ କହିଥିଲେ । ଆମଦାନି କମାଇ ଘରୋଇ ଉତ୍ପାଦନ ବୃଦ୍ଧି କରିପାରିଲେ ଦେଶର ଅର୍ଥନୀତି ମଜବୁତ୍ ହେବ । ଏହା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ମଧ୍ୟ ରାଜ୍ୟପାଳ କହିଥିଲେ । ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଏହି ମିଶନକୁ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଘରୋଇ ଖାଦ୍ୟ ତୈଳ ଉତ୍ପାଦନ ବୃଦ୍ଧି କେବଳ ଆମଦାନୀ ନିର୍ଭରତା କମାଇବ ନାହିଁ ବରଂ ଅର୍ଥନୈତିକ ସ୍ଥିରତା ବଢ଼ାଇବା ସହିତ ବିଶ୍ୱ ବଜାରର ଯୋଗାଣ ଶୃଙ୍ଖଳା ବ୍ୟାଘାତ ଏବଂ ଆନ୍ତର୍ଜାତୀୟ ମୂଲ୍ୟର ଉତଥାନ ପତନରୁ ଦେଶକୁ ରକ୍ଷା କରିବ । ପୁଣି ରାଜ୍ୟପାଳ କହିଥିଲେ ଯେ ପାମ୍ ତୈଳ ହେଉଛି ସବୁଠାରୁ ଅଧିକ ଉତ୍ପାଦନକ୍ଷମ ତୈଳବୀଜ ଫସଲ । ଏହା ପାରମ୍ପରିକ ତୈଳବୀଜ ତୁଳନାରେ ପ୍ରତି ଏକକ କ୍ଷେତ୍ରରେ ଚାରିରୁ ପାଂଚ ଗୁଣ ଅଧିକ ତୈଳ ଉତ୍ପାଦନ ହୋଇଥାଏ । ଥରେ ରୋପିତ ହେଲେ ଏହି ବଗିଚା ପ୍ରାୟ ତିରିଶ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନକ୍ଷମ ରହି କୃଷକଙ୍କୁ ସ୍ଥିର ଓ ଦୀର୍ଘମିଆଦୀ ଆୟର ଉତ୍ସ ପ୍ରଦାନ କରେ । ଏହି ମିଶନ ଗୁଣବତାପୂର୍ଣ୍ଣ ରୋପଣ ସାମଗ୍ରୀ, ଜଳସେଚନ, ପ୍ରକ୍ରିୟାକରଣ ସ୍ଥାପନା, ନିଶ୍ଚିତ କ୍ରୟ, ବିପଣନ ଏବଂ ବୈଜ୍ଞାନିକ ଏକ୍ସଟେନ୍‌ସନ ସେବାକୁ ସମର୍ଥନ କରୁଥିବା ଏକ ସମନ୍ୱିତ ଦୃଷ୍ଟିକୋଣ ଗ୍ରହଣ କରିଛି । ଓଡ଼ିଶାରେ ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଏବଂ ବିସ୍ତୃତ ଚାଷପୋଯୋଗୀ ଜମି ସହିତ ଓଡ଼ିଶା ଭାରତର ଖାଦ୍ୟ ତୈଳ ସ୍ୱାବଲମ୍ବନଶୀଳତାରେ ଏକ ପ୍ରମୁଖ ଅବଦାନ ରଖୁଥିବା ରାଜ୍ୟ ଭାବେ ଉଭା ହେବାର ପୂର୍ଣ୍ଣ ସମ୍ଭାବନା ରହିଛି । ଜିଲ୍ଲା ପ୍ରଶାସନ, ଗବେଷଣା ଅନୁଷ୍ଠାନ ଏବଂ ତାଲିକାଭୁକ୍ତ ବେସରକାରୀ ସହଭାଗୀଙ୍କ ସହଯୋଗରେ ଓଡ଼ିଶା ସରକାର ଗ୍ରହଣ କରିଥିବା କ୍ଲଷ୍ଟର ଆଧାରିତ କାର୍ଯ୍ୟକାରିତା କୌଶଳ ଏକ ସ୍ଥିର ପାମ୍ ତୈଳ ପରିବେଶ ତଥା ଗ୍ରାମୀଣ ଜୀବିକାର ରୂପାନ୍ତରଣ କରିପାରିବ ବୋଲି ସେ କହିଥିଲେ । ଏହି ମିଶନ ଫସଲ ବିବିଧକରଣ, ଗ୍ରାମୀଣ ରୋଜଗାର ସୃଷ୍ଟି, କୃଷି ଆଧାରିତ ଶିଳ୍ପକୁ ପ୍ରୋତ୍ସାହନ, ବେସରକାରୀ ବିନିଯୋଗର ଆକର୍ଷଣ ଏବଂ ପ୍ରକ୍ରିୟାକରଣ, ଲଜିଷ୍ଟିକ୍ସ ଓ ବିପଣନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରି କୃଷକଙ୍କୁ ଅଧିକ ଓ ସ୍ଥିର ଆୟ ପ୍ରଦାନ କରିବ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ରାଜ୍ୟପାଳ ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରି ସମୟଭିତିକ ଲକ୍ଷ୍ୟ ହାସଲ, କୃଷକଙ୍କ ଦକ୍ଷତା ବୃଦ୍ଧି, ପ୍ରକ୍ରିୟାକରଣ ଭିତିଭୂମିର ଅଭିବୃଦ୍ଧି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ଅବଲମ୍ବନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ଫଳରେ ପ୍ରତ୍ୟେକ ଯୋଗ୍ୟ କୃଷକ ଏହି ମିଶନର ଲାଭ ପାଇପାରିବେ ବୋଲି ସେ କହିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀ, ଉଦ୍ୟାନ ନିର୍ଦ୍ଦେଶାଳୟ, ପାମ୍ ତୈଳ କମ୍ପାନୀର ପ୍ରତିନିଧି ଏବଂ ଲୋକ ଭବନର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଲୋଚନା ସମୟରେ ରାଜ୍ୟପାଳ କୃଷକଙ୍କୁ ପ୍ରଦାନ କରାଯାଉଥିବା ସବସିଡି ଏବଂ ପାମ୍ ତୈଳ ଚାଷକୁ ପ୍ରୋତ୍ସାହନ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ ।

# ୫ ଜିଲ୍ଲାର ୬ ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର,୩।୮ (ମହାଭାରତ): ବନ୍ୟାରେ ରାଜ୍ୟର ୫ଟି ଜିଲ୍ଲାର ୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ସୂଚନା ଦେଇଛନ୍ତି । ବନ୍ୟା ଦ୍ୱାରା ରାଜ୍ୟର ୫ ଲକ୍ଷ ୮୭ ହଜାର ୮୨୨ ଲୋକ ପ୍ରଭାବିତ । ୧ ଲକ୍ଷ ୭୬ ହଜାର ୭୩ ଲୋକ ବର୍ତ୍ତମାନ ସୁଦ୍ଧା ହେଲେଣି ସ୍ଥାନାନ୍ତରିତ । ଜଳବନ୍ଦୀ ୨୧ ଟି ଗାଁ, ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଛି । ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ୬ ଟି ଏନଡିଆରଏଫ, ୨୪ ଟି ଓଡ୍ରାଫ ଟିମ୍ ସମେତ ୪୬ କମ୍ପାନୀ ଅଗ୍ନିଶମ ବାହିନୀ ।

ଅନ୍ୟପଟେ ଜିଲ୍ଲାପାଳ ମାନଙ୍କୁ ବନ୍ୟାକୁ ମୁକାବିଲା ପାଇଁ ଟାସ୍କ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ତିନିଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳ ମାନେ ଦେବେ । ଚାଷ ହେଉ ଅବା ବାସସ୍ଥାନ । ଗୋଟେ ହେଉ କି ଶତାଧିକ ଜିଲ୍ଲାପାଳ ମାନେ ସମସ୍ତଙ୍କ କ୍ଷତି ଆକଳନ କରି ରିପୋର୍ଟ ଦେବେ । ଜୀବନ ମୂଲ୍ୟବାନ ତେଣୁ ଲୋକଙ୍କୁ ବୁଝାଇକି ଆଣନ୍ତୁ । ତାଙ୍କ ଜୀବନ ସୁରକ୍ଷା ପାଇଁ । ପୋଲିସ ତାଙ୍କ ଘରକୁ ସୁରକ୍ଷା ଦେବ । ଜୀବନ ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନିଅନ୍ତୁ । ଲୋକ ଯଦି ରିଲିଫ ସେଣ୍ଟରକୁ ଆସୁଛନ୍ତି ତେବେ ତାଙ୍କୁ ଘର ଭଳି ବ୍ୟବସ୍ଥା କରାଯାଉ । ଖାଇବା , ସୁରକ୍ଷା, ସ୍ୱାସ୍ଥ୍ୟ ଯୋଗାଇ ଦେବେ । ସାପ କାମୁଡ଼ା ସମସ୍ୟାକୁ ଏଡାଇବା ପାଇଁ ଆଣ୍ଟି ଭେନମ୍ ଦିଅନ୍ତୁ । ଡାକ୍ତର ସମସ୍ତ ଅଞ୍ଚଳରେ ମହଜୁଦ୍ ରଖନ୍ତୁ ।

ଯିଏ ପାଣି ଘେରରେ ରହିଛନ୍ତି ତାଙ୍କୁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରନ୍ତୁ । ଯେମିତି ତାଙ୍କୁ ଭୋକିଲା ରଖନ୍ତୁ ନାହିଁ । ଛୁଆ ଏବଂ ବୟସ୍କ ଲୋକଙ୍କୁ ପ୍ରାଧାନ୍ୟ ଦିଅନ୍ତୁ । ଲୋକଙ୍କ ଧନ ସମ୍ପତି ଯାହା କ୍ଷୟକ୍ଷତି ହେବ ତାଙ୍କୁ ଆମେ ଆଇନ ଅନୁଯାୟୀ ଯାହା ସମ୍ଭବ ଯୋଗାଇ ଦେବା । ଲୋକ ଯଦି ଆଶ୍ରୟ ସ୍ଥଳୀ ଛାଡୁଛନ୍ତି ତାଙ୍କୁ ପାଲ ସହ ଅନ୍ୟାନ୍ୟ ଯୋଗାଇ ଦିଅନ୍ତୁ । ବନ୍ୟା ଆସିବା ପୂର୍ବରୁ ଆମର ପ୍ରସ୍ତୁତି ସମ୍ପୂର୍ଣ୍ଣ ରଖ । ଛୋଟ କି ବଡ ବନ୍ୟା ଭାବନା ନ ନେଇ ଲୋକଙ୍କୁ ସୁରକ୍ଷିତ ରଖିବା ଦାୟିତ୍ୱ ନିଅନ୍ତୁ । ଯେଉଁ ଜିଲ୍ଲାରେ ଓଡ୍ରାଫ୍ ଆବଶ୍ୟକ ନାହିଁ ସେମାନଙ୍କୁ ଛାଡ଼ିବେ କାହିଁକି ନା ଆମେ ମହାନଦୀ ବେଲ୍ଟରେ ତାଙ୍କୁ ନିୟୋଜିତ କରିବୁ । ଲୋକଙ୍କର କ୍ଷୟକ୍ଷତି ରିପୋର୍ଟ ତିନି ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରନ୍ତୁ । ଲୋକଙ୍କର ଚାଷ କ୍ଷତି ହେବ ଅବା ଘର ଦ୍ୱାରର ରିପୋର୍ଟ ଜଲଦି ପ୍ରଦାନ କରିବେ । କେହି ଯେମିତି ଯୋଗ୍ୟ ତାଙ୍କ ହକରୁ ବଞ୍ଚିତ ହେବେ ନି । ତାହାକୁ ଜିଲ୍ଲାପାଳ ମାନେ ଗୁରୁତ୍ୱ ଦେବେ ବୋଲି ମନ୍ତ୍ରୀ କହିଛନ୍ତି ।

# "ନୈତିକତା" ନାମରେ ରାଜନୀତି ବନ୍ଦ କରୁ କଂଗ୍ରେସ

ଭୁବନେଶ୍ୱର,୩।୮ (ମହାଭାରତ): କଂଗ୍ରେସ ବର୍ତମାନ ଲୋକଙ୍କ ସହିତ ନାହିଁ । ତାଙ୍କ ଦଳକୁ ଲୋକେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଏବେ ଦେଶର ଯୁବବର୍ଗଙ୍କୁ ଢ଼ାଲ କରି ନିଜର ରାଜନୈତିକ ରୋଟି ସେକିବା ପାଇଁ କଂଗ୍ରେସ ପ୍ରଳାପ କରୁଛି । ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ କଂଗ୍ରେସ ସରକାରରେ ଥିଲା । ସେତେବଳେ ପ୍ରତିବର୍ଷ ପ୍ରଶ୍ନପତ୍ର ଲିକ୍ ହେଉଥିଲା । ମାତ୍ର କେତେଜଣ ତାଙ୍କ ଦଳର ନେତା ଉକ୍ତ ଘଟଣାରେ ଇସ୍ତଫା ଦେଇଥିଲେ ତାହା ସ୍ପଷ୍ଟ କରନ୍ତୁ ।

ଏହାପରେ ୨୦୦୪ ରୁ ୨୦୧୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ କଂଗ୍ରେସ ସରକାରରେ ଥିଲା । ସେତେବେଳେ କଂଗ୍ରେସ ଦଳର ଦୁର୍ନୀତି ଚର୍ଚ୍ଚାର ବିଷୟ ପାଲଟିଥିଲା । ମାତ୍ର ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାଙ୍କ ଦଳର ଅନ୍ୟ କୌଣସି ନେତାଙ୍କ ପାଖରେ ନୈତିକତା ବୋଲି କିଛି ନ ଥିଲା । ସେ ସମୟରେ ପ୍ରତିବର୍ଷ ଶିକ୍ଷା ବ୍ୟବସ୍ଥା ନାଁରେ ଅନେକ ଅନିୟମିତତା ହେଉଥିଲା । ଏପରିକି ଜଣେ ତତ୍କାଳୀନ ଶିକ୍ଷାମନ୍ତ୍ରୀଙ୍କ ନାଁରେ ଏଚ୍ଆଡି କୋଟାରେ ସେଂଟ୍ରାଲ୍ ସ୍କୁଲର ଆଡ୍‌ମିଶନ ଉପରେ ଦୁର୍ନୀତିର ଛିଟା ଲାଗିଥିଲା । ଝିଅମାନଙ୍କ ଦ୍ୱାରା ଏହି କାର୍ଯ୍ୟ ପାଇଁ ଟଙ୍କା ଆଦାୟ କରାଯାଉଥିବା ଜଣାପଡ଼ିଥିଲା । ସେତେବେଳେ କଂଗ୍ରେସ କେଉଁଠି ଶୋଇଥିଲା ? ଏବେ କର୍ଣ୍ଣାଟକରେ କଂଗ୍ରେସର ସରକାର ଥିଲାବେଳେ ସେଠାରେ ପ୍ରଶ୍ନପତ୍ର ଲିକ୍ ହୋଇଛି । ଏପ୍ରସଙ୍ଗରେ କଂଗ୍ରେସର ନେତାମାନେ ମୁହଁ ଖୋଲୁନାହାନ୍ତି କାହିଁକି ? କୁଆଡେ ଗଲା ସେମାନଙ୍କ ନୈତିକତା ? ସେହି ସମାନ ଘଟଣା ମଧ୍ୟ ହିମାଂଚଳ ପ୍ରଦେଶରେ ଘଟିଛି । ସେଠାରେ କଂଗ୍ରେସ ଚୁପ୍ ବସିଛି କାହିଁକି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

"ନୈତିକତା" କଥା କହୁଥିବା ପ୍ରଦେଶ କଂଗ୍ରେସର ସମ୍ପୃକ୍ତ ନେତା ନାମରେ ଯେଉଁ ଅଭିଯୋଗ ଅଛି ତା'ଉପରେ ରାଜ୍ୟବାସୀଙ୍କୁ ପ୍ରଥମେ ସେ ସ୍ପଷ୍ଟୀକରଣ ଦିଅନ୍ତୁ । ୨୦୨୪ ମସିହା ନିର୍ବାଚନରେ ତାଙ୍କ ଦଳରେ ଯେଉଁ ନେତାମାନେ ବିଜୟୀ ହୋଇଥିଲେ, ସେମାନେ ମଧ୍ୟ ସମ୍ପୃକ୍ତ ନେତାଙ୍କ ନୈତିକତା ଓ ନିୟତ ଉପରେ ପ୍ରଶ୍ନ ଉଠାଇଥିଲେ । ସେ ତେଲେଙ୍ଗାନା ନିର୍ବାଚନରେ ଦଳର ପ୍ରଭାରୀ ଥିଲାବେଳେ କଂଗ୍ରେସର ନେତାମାନେ ଏକାଠି ହୋଇ ତାଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ । ଟଙ୍କା ନେଇ ସମ୍ପୃକ୍ତ ନେତା ଓ ତାଙ୍କ ପୁଅ ଟିକେଟ ବାଂଟୁଥିବା ନେଇ କଂଗ୍ରେସ ନେତାମାନେ ସେତେବେଳେ ଅଭିଯୋଗ ଆଣିଥିଲେ । ସେହିପରି ବିଜୁ ଜନତା ଦଳ ସରକାରରେ ଥିଲାବେଳେ ଅନେକ ଦୁର୍ନୀତି ହୋଇଥିଲେ ମଧ୍ୟ କେତେଜଣ ନେତା ନୈତିକତା ଆଧାରରେ ଇସ୍ତଫା ଦେଇଥିଲେ ତାହା ସ୍ପଷ୍ଟ କରନ୍ତୁ । ଏନେଇ ଉଭୟ ଦଳ "ନୈତିକତା" ନାମରେ ରାଜନୀତି ବନ୍ଦ କରି ପ୍ରଥମେ ନିଜର ନୈତିକତା ସଜାଡନ୍ତୁ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।

# କେନ୍ଦ୍ର ସରକାରଙ୍କ ଜନବିରୋଧୀ ନିତି ବିରୋଧରେ କନ୍‌ଭେନ୍‌ସନ୍

ଭୁବନେଶ୍ୱର,୩।୮ (ମହାଭାରତ): ଶ୍ରମିକ ଓ କୃଷକଙ୍କ ମିଳିତ ରାଷ୍ଟ୍ରୀୟ କନ୍‌ଭେନ୍‌ସନ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍, ବିଭିନ୍ନ ସ୍ୱାଧୀନ ଶ୍ରମିକ ସଂଗଠନ ସମୂହଙ୍କ ସହିତ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ ଗତକାଲି ଅର୍ଥାତ୍ ଜୁଲାଇ ୨୯ ତାରିଖରେ ନୂଆଦିଲ୍ଲୀସ୍ଥିତ ତାଲକଟୋରା ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଓ ସମାଜର ବିଭିନ୍ନ ବର୍ଗର ଜୀବନ ଜୀବିକା, ସମ୍ବିଧାନ ଓ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଶ୍ରମିକ, କୃଷକ, ଛାତ୍ର, ଯୁବକ ଏବଂ ସମସ୍ତ ଗଣତାନ୍ତ୍ରିକ ଶକ୍ତିକୁ ଏକାଠି କରି ବ୍ୟାପକ ସଂଗ୍ରାମ ପାଇଁ ଆହ୍ୱାନ ଦିଆଯାଇଛି ।

ଉକ୍ତ କନ୍‌ଭେନ୍‌ସନ୍ ଦିନ ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ହଜାର ହଜାର ଶିଳ୍ପ ଶ୍ରମିକ, ରାଷ୍ଟ୍ରୀୟ ଉଦ୍ୟୋଗର କର୍ମଚାରୀ, ପରିବହନ ଶ୍ରମିକ, ବ୍ୟାଙ୍କ ଏବଂ ବୀମା କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ, ଅଙ୍ଗନୱାଡି, ଆଶା, ପାଚିକାଙ୍କ ସମେତ ସମସ୍ତ ସ୍କିମ୍ ୱାର୍କର, ଅସଂଗଠିତ ଓ ନିର୍ମାଣ ଶ୍ରମିକ, ପ୍ଲାଟଫର୍ମ ଶ୍ରମିକଙ୍କ ସହ



ଯୁବ, ଛାତ୍ର, ମହିଳା, ଅବସରପ୍ରାପ୍ତ ପେନ୍‌ସନ୍‌ଭୋଗୀ କର୍ମଚାରୀ ଯୋଗଦେଇ ଶ୍ରମିକ ଓ କୃଷକ ବିରୋଧୀ ଏବଂ ବହୁଜାତିକ ପୁଞ୍ଜିପତି ତୋଷଣ ନିତି ବିରୋଧରେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ ।

ଏହି କନ୍‌ଭେନ୍‌ସନ୍‌ରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ଦାବିଗୁଡ଼ିକ ଯଥା ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡ ବାତିଲ୍, ଶ୍ରମିକର ଅଧିକାରକୁ ସୁନିଶ୍ଚିତ କରିବା, ଶ୍ରମିକର ସୁରକ୍ଷା ପାଇଁ ସର୍ବନିମ୍ନ ମଜୁରୀ ୪୨ହଜାର ଟଙ୍କା ପ୍ରଦାନ ଓ ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା, ଧାନ ଓ କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ସୁନିଶ୍ଚିତ କରିବା, କୃଷକ ବିରୋଧୀ ବୈଦେଶିକ ବ୍ୟବସାୟିକ ଚୁକ୍ତିନାମାକୁ ବାତିଲ୍ କରିବା, ଜାତୀୟ ପାଇପ୍‌ଲାଇନ୍ ଯୋଜନାରେ ଘରୋଇକରଣ ବନ୍ଦକରିବା । ମନରେଗା ଯୋଜନାର ପୁନଃ ପ୍ରଚଳନ, ସାମାଜିକ ନିରାପତ୍ତାର ପରିସର ବୃଦ୍ଧି, ନିଯୁକ୍ତି ସୃଷ୍ଟି, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଶକ୍ତିଶାଳୀ କରିବା, ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁରକ୍ଷା, କଳାଆଇନର ପ୍ରତ୍ୟାହାର ଏବଂ ସମ୍ବିଧାନ ଓ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ସହ ଅନ୍ୟାନ୍ୟ ଦାବି ଉପରେ ଆଗାମୀ ଭାରତ ଛାଡ ଆନ୍ଦୋଳନର ସ୍ମରଣଦିବସ ପରିପ୍ରେକ୍ଷୀରେ ଅଗଷ୍ଟ ୧୦ ଦେଶବ୍ୟାପି ଜିଲ୍ଲା ଓ ରାଜ୍ୟସ୍ତରରେ ବିକ୍ଷୋଭ ଓ ପ୍ରତିବାଦ ସହ ରେଲରୋକୋ, ରାସ୍ତାରୋକୋ ସଂଗଠିତ କରାଯିବ । ତତ୍‌ସହିତ ଜନମତ ସଚେତନତା ପାଇଁ ରାଜ୍ୟ ଓ ଜିଲ୍ଲାସ୍ତରୀୟ କନ୍‌ଭେନ୍‌ସନ୍ ସହ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ହେବ ।

ଏହି କନ୍‌ଭେନ୍‌ସନ୍‌ରେ ଏଆଇଟିୟୁସି ତରଫରୁ ମୋହନ ଶର୍ମାଙ୍କ ସମେତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ ସଂଯୁକ୍ତ କୃଷକ ମୋର୍ଚ୍ଚାର ନେତୃମଣ୍ଡଳୀଙ୍କୁ ନେଇ ସଭାପତିମଣ୍ଡଳି ଗଠନ କରାଯାଇଥିଲା ।

# ରେଳ ସୁରକ୍ଷା ବ୍ୟବସ୍ଥାର ନିରୀକ୍ଷଣ କଲେ ରାୟଗଡ଼ା ଡିଆରଏମ୍

ଭୁବନେଶ୍ୱର,୩।୮ (ମହାଭାରତ): ବର୍ଷା ଋତୁରେ ଲଗାତାର ବର୍ଷାକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳକୁ ସୁରକ୍ଷିତ ଓ ନିରବଚ୍ଛିନ୍ନ ରଖିବା ଉଦ୍ଦେଶ୍ୟରେ ରାୟଗଡ଼ା ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ସିଂଘଲ ରାୟଗଡ଼ା ରେଳ ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ସମ୍ବେଦନଶୀଳ ରେଳ ବିଭାଗ ଗୁଡ଼ିକର ବ୍ୟାପକ ନିରୀକ୍ଷଣ କରିଛନ୍ତି । ବିଶେଷକରି ଘାଟି ସେକ୍ସନ୍‌ରେ ପ୍ରବଳ ବର୍ଷା, ଟ୍ରାକ ଉପରେ ଜଳ ଜମା ହେବା, ପାହାଡ଼ରୁ ପଥର ଖସିବା ଓ ମାଟି ଧସିବା ଭଳି ବିପଦପ୍ରବଣ ସ୍ଥାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ଦେଇ ସମୀକ୍ଷା କରିଛନ୍ତି । ନିରୀକ୍ଷଣ ସମୟରେ ଶ୍ରୀ ସିଂଘଲ ରେଳ ଅଧିକାରୀମାନଙ୍କର ପ୍ରସ୍ତୁତିର ସମୀକ୍ଷା କରିବା ସହ ବିପଦପ୍ରବଣ କଟିଂ, ଟନେଲ୍, ଜଳ ନିଷ୍କାସନ ବ୍ୟବସ୍ଥା, ସିଗ୍ନାଲିଂ ସଂସ୍ଥାପନା ଏବଂ ରେଳପଥର ସ୍ଥିତିକୁ ଯାଂଚ କରିଥିଲେ । ସେ କହିଛନ୍ତି ଯେ, ଯାତ୍ରୀ ଓ ଟ୍ରେନ୍ ସୁରକ୍ଷା ହିଁ ରାୟଗଡ଼ା ରେଳ ମଣ୍ଡଳର ସର୍ବୋଚ୍ଚ ପ୍ରାଥମିକତା । ବର୍ଷା ଋତୁରେ ସମସ୍ତ ସମ୍ବେଦନଶୀଳ ସ୍ଥାନ ଉପରେ ନିରନ୍ତର ନଜର ରଖିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଗାତାର ବର୍ଷା ସତ୍ତ୍ୱେ ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ ରଖିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ମଧ୍ୟ ସେ ସମୀକ୍ଷା କରିଥିଲେ । ରେଳର ବିଭିନ୍ନ ଟିମ୍



ରେଳପଥର ସ୍ଥିତି ଉପରେ ୨୪ ଘଂଟିଆ ନଜର ରଖୁଛନ୍ତି, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଜଳ ଜମାହେବାକୁ ତୁରନ୍ତ ଦୂର କରୁଛନ୍ତି ଏବଂ ସିଗ୍ନାଲିଂ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରୁଛନ୍ତି । ପ୍ରତିକୂଳ ପାଗର ପ୍ରଭାବକୁ କମାଇ ଯାତ୍ରୀ ସୁରକ୍ଷା ବଜାୟ ରଖିବା ପାଇଁ ସମସ୍ତ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି । ରାୟଗଡ଼ା ରେଳ ମଣ୍ଡଳ ବର୍ଷା ଋତୁ ପୂର୍ବରୁ ହିଁ କୋତାଭାଲାସା-କିରନ୍ଦୁଲ (କେକେ), କୋରାପୁଟ-ରାୟଗଡ଼ା (କେଆର) ଏବଂ ରାୟଗଡ଼ା-ବିଜୟନଗରମ (ଆରଭି) ରେଳ ମାର୍ଗ ଘାଟି ସେକ୍ସନ୍‌ର ବିପଦପ୍ରବଣ ଅଂଚଳଗୁଡ଼ିକରେ ଭିତିଭୂମି ସୁରକ୍ଷା କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ପାହାଡ଼ ଗଡାଣିଆ ଭାଗର ସ୍ଥିରତା ବୃଦ୍ଧି ପାଇଁ ରକ୍ ଫଲ୍ ବ୍ୟାରିୟର, ରକ୍ ବୋଲ୍ଟିଂ, ୱ୍ୟାର୍ ମେଶ୍ ନେଟିଂ କାର୍ଯ୍ୟ ବହୁତ ସ୍ଥାନରେ ସରିଯାଇଥିବାବେଳେ କେତେକ ସ୍ଥାନରେ ଏହି କାର୍ଯ୍ୟ ସାରିବାକୁ ଯାଉଅଛି । କେକେ, କେଆର ଓ ଆରଭି ରେଳ ସେକ୍ସନରେ ଏହି ସୁରକ୍ଷା କାର୍ଯ୍ୟରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । କେତେକ ସ୍ଥାନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ସ୍ଥାନଗୁଡ଼ିକରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି । ଦୀର୍ଘମିଆଦୀ ସମାଧାନ ପାଇଁ ଢାଳର ସ୍ଥିରତା ବୃଦ୍ଧି ଏବଂ ରେଳ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭୂତତ୍ୱ ଓ ଭୂଭୌତିକ ଅଧ୍ୟୟନ ମଧ୍ୟ ଚାଲିଛି ।

# ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର,୩।୮ (ମହାଭାରତ): ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ, କେନ୍ଦ୍ର ସରକାରଙ୍କ ତରଫରୁ ପୂର୍ବ ଆଇନର ସଂଶୋଧନ ନିମନ୍ତେ ସଂସଦରେ ପାରିତ ଲାଗି ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ବିଜୁ ଜନତା ଦଳ ଏହା ଉପରେ ପ୍ରତିକ୍ରିୟା ଦେଇ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ କଡା ଓ ପ୍ରଭାବଶାଳୀ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ଦାବି କରିଛି । ଏହାଛଡା, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ମାମଲାରେ ବିଜେଡି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି । ବିଜୁ ଜନତା ଦଳ ତରଫରୁ ଆଜି ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ, ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଏବଂ ଏହାକୁ ନେଇ ଦେଶବ୍ୟାପୀ ଅନେକ ପ୍ରତିବାଦ ଓ ଆନେ୍ଦାଳନ ମୁଣ୍ଡ ଟେକିଛି । ଏହି ଆନେ୍ଦାଳନ ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରିଥିବା ବେଳେ, କିଛିଦିନ ତଳେ କେନ୍ଦ୍ର କ୍ୟାବିନେଟ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଥିବା ବେଳେ ଆଜି ସଂସଦରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଗତ କରାଯାଇଛି । ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି । ଡ ମହାନ୍ତି କହିଛନ୍ତି, କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ । ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪'କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା । କିନ୍ତୁ 'ଡବଲ୍ ଇଞ୍ଜିନ୍' ସରକାର ଅମଳରେ ଗତ ଦୁଇ ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଏହି ଘଟଣାଗୁଡ଼ିକରେ ଜଣେ ହେଲେ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ । ଏହା ପ୍ରମାଣ କରୁଛି ଯେ, କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ, ଆଇନକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବା ସହିତ ଦୋଷୀ ମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ।

# 'ମେଡ୍ ଇନ୍ ଇଣ୍ଡିଆ' ରୋବୋଟିକ୍ ପ୍ରଯୁକ୍ତିର କମାଲ

ଭୁବନେଶ୍ୱର,୩।୮ (ମହାଭାରତ): ଭାରତରେ ବିକଶିତ ରୋବୋଟିକ୍ ପ୍ରଯୁକ୍ତି ଏବଂ ଭାରତୀୟ ଡାକ୍ତରମାନଙ୍କର ଦକ୍ଷତା ପୁଣିଥରେ ବିଶ୍ୱକୁ ଆଶ୍ଚର୍ଯ୍ୟଚକିତ କରିଛି । ଏସଏସ ଇନୋଭେଶନସ୍ ଇଣ୍ଟରନ୍ୟାସନାଲର 'ମେଡ୍ ଇନ୍ ଇଣ୍ଡିଆ' ଏସଏସଆଇ ମନ୍ତ୍ରା ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମର ସହଯୋଗରେ କୋଲମ୍ବିଆରେ ପ୍ରାୟ ୨୨,୦୦୦ କିଲୋମିଟର ଦୂରରେ ବସିଥିବା ସର୍ଜନମାନେ ଇନ୍‌ଦୋରରେ ଜଣେ ରୋଗୀଙ୍କର ସଫଳ ରୋବୋଟିକ୍ ସ୍ଲିଭ୍ ଗ୍ୟାଷ୍ଟ୍ରେକ୍ଟୋମି ଶସ୍ତ୍ରକ୍ରିୟା କରି ବିଶ୍ୱ ସମ୍ମୁଖରେ ଭାରତୀୟ ପ୍ରଯୁକ୍ତିର ସାମର୍ଥ୍ୟକୁ ପ୍ରମାଣ କରିଛନ୍ତି ।

ଏହି ଐତିହାସିକ ଟେଲି-ସର୍ଜରୀ କୋଲମ୍ବିଆର ହସ୍ପିଟାଲ ଇଣ୍ଟରନାସିଓନାଲ ଡି କଲମ୍ବିଆ ଏବଂ ଇନ୍‌ଦୋରସ୍ଥିତ ମୋହକ ବେରିଆଟ୍ରିକ୍ସ ଆଣ୍ଡ ରୋବୋଟିକ୍ସ ମଧ୍ୟରେ ପ୍ରାୟ ୨୨,୦୦୦ କି.ମି. ଲମ୍ବା ଫାଇବର୍ ନେଟୱର୍କ ମାଧ୍ୟମରେ ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ସଫଳତା ପ୍ରମାଣ କରିଛି ଯେ, ଅତ୍ୟାଧୁନିକ ଶସ୍ତ୍ରକ୍ରିୟା ପାଇଁ ଭୌଗୋଳିକ ଦୂରତା ଆଉ ବାଧା ନୁହେଁ ।

ଏହି ଦୂରବର୍ତ୍ତୀ ଶସ୍ତ୍ରକ୍ରିୟାର ନେତୃତ୍ୱ ଏସଏସଆଇ ଇନୋଭେଶନସ୍ ର ପ୍ରତିଷ୍ଠାତା, ଚେୟାରମ୍ୟାନ ଏବଂ ସିଇଓ ଡା. ସୁଧୀର ଶ୍ରୀବାସ୍ତବ କୋଲମ୍ବିଆରୁ ଡା. ଭିକ୍ଟର ରାଉଲ କାଷ୍ଟିଲୋ ମାଣ୍ଟିଲା ଏବଂ ଡା. ଜୋନାଥନ କାସେରେସ ପ୍ରାଡାଙ୍କ ସହ ମିଶି କରିଥିଲେ । ଇନ୍‌ଦୋରରେ ରୋଗୀଙ୍କ ସହ ଉପସ୍ଥିତ ସର୍ଜିକାଲ୍ ଟିମ୍ର ନେତୃତ୍ୱ ପ୍ରସିଦ୍ଧ ବାରିଆଟ୍ରିକ୍ ସର୍ଜନ ଡା. ମୋହିତ ଭଣ୍ଡାରୀ କରିଥିଲେ ।

# 'ସ୍ୱତନ୍ତ୍ର ସଘନ ପ୍ରକ୍ରିୟା' ସମୟସୀମା ବୃଦ୍ଧି କରିବାକୁ ବିଜେପିର ଦାବିପତ୍ର

ଭୁବନେଶ୍ୱର,୩।୮ (ମହାଭାରତ): ରାଜ୍ୟର ଅନେକାଂଚଳରେ ଲଗାତାର ମୌସୁମୀ ବର୍ଷା ଏବଂ ଲଘୁଚାପଜନିତ ଯୋଗୁଁ ପ୍ରବଳ ବର୍ଷା କାରଣରୁ ବର୍ତ୍ତମାନ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଜଳବନ୍ଦୀ ଅବସ୍ଥା, ଗ୍ରାମାଂଚଳ ଓ ସହରାଂଚଳ ବୁଡିଯିବା, ଗଛ ସବୁ ଉପୁଡିଯିବା, ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ଏବଂ ଯାତାୟତରେ ବାଧାପ୍ରାପ୍ତ ହେବା ଯୋଗୁଁ ସାଧାରଣ ଜୀବନଯାପନ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି । ଅନ୍ୟ ପଟେ ରାଜ୍ୟରେ ସ୍ୱତନ୍ତ୍ର ସଘନ ପ୍ରକ୍ରିୟା (ଏସଆଇଆର) ଜାରୀ ରହିଥିବାବେଳେ ଦାବୀ ଓ ଆପତ୍ତି ଦାଖଲର ସମୟ ସୀମା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଦୁର୍ଭାଗ୍ୟବଶତଃ ଏହି ଧାର୍ଯ୍ୟ ସମୟସୀମା ସାଂପ୍ରତିକ ବନ୍ୟା ବିପତ୍ତି ସମୟ ସହ ସମାନ ହୋଇଯାଇଛି । ଏହି ଅସାଧାରଣ ପରିସ୍ଥିତି ଯୋଗୁଁ ବୁଥ୍ ଲେଭଲ ଅଫିସର (ବିଏଲଓ), ଅନ୍ୟାନ୍ୟ ନିର୍ବାଚନୀ ଅଧିକାରୀ, ରାଜନୈତିକ ଦଳର ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନେ ସ୍ୱତନ୍ତ୍ର ସଘନ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାରେ ବାଧା ସୃଷ୍ଟି ହୋଇଛି ବୋଲି ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି କହିଛନ୍ତି ।



ରାଜ୍ୟ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ସ୍ମାରକ ପତ୍ର ପ୍ରସଙ୍ଗରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ; ଦାବୀ ଓ ଆପତ୍ତି ଦାଖଲ ପ୍ରକ୍ରିୟା ହେଉଛି ଭୋଟର ତାଲିକା ସଂଶୋଧନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଯୋଗ୍ୟ ନାଗରିକମାନଙ୍କୁ ନିଜ ନାମ ସାମିଲ କରିବା, ତଥ୍ୟର ସଂଶୋଧନ କରିବା ଏବଂ ମୃତ / ସ୍ଥାନାନ୍ତରିତ, ଦୋହରା କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ପାଇଁ ସୁଯୋଗ ଦେଇଥାଏ । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଅଂଶୀଦାରଙ୍କ ସହଭାଗିତା ନିଶ୍ଚିନ୍ତ କରିବା ଭୋଟର ତାଲିକାର ସଠିକତା, ସର୍ବସମାବେଶୀତା ଏବଂ ସ୍ୱଚ୍ଛତା ପାଇଁ ଅତ୍ୟନ୍ତ ଆବଶ୍ୟକ । ଏଭଳି ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଏକ ସଂପୂର୍ଣ୍ଣ, ସଠିକ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ସଘନ ପ୍ରକ୍ରିୟା ଅଧୀନରେ ଦାବୀ ଓ ଆପତ୍ତି ଦାଖଲ ପାଇଁ ଧାର୍ଯ୍ୟ ସମୟସୀମା ବୃଦ୍ଧି କରିବାକୁ ଅନୁରୋଧ କରାଯାଇଛି ବୋଲି ଡ.ମହାନ୍ତି କହିଛନ୍ତି । ଏହି ପ୍ରତିନିଧି ଦଳରେ ଅନ୍ୟତମ ରାଜ୍ୟ ଉପସଭାପତି ଶ୍ରୀ ବିଷ୍ଣୁ ଦାସ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶ୍ରୀ ସୁଜିତ କୁମାର ଦାସ, ରାଜ୍ୟ ପ୍ୟାନେଲିଷ୍ଟ ଶ୍ରୀ ପତଞ୍ଜଳୀ କର ଶର୍ମା, ସାମାଜିକ ସଂଗଠନ ରାଜ୍ୟ ସଂଯୋଜକ ଶ୍ରୀ ରଶ୍ମି ରଞ୍ଜନ କାନୁନଗୋ ଏବଂ ଶ୍ରୀ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ହିନ୍ଦି ଭାଷାକୁ ବିରୋଧ

ବିଜେପିକୁ ଚାଲେଞ୍ଜ କରି ଷ୍ଟାଲିନ ରାଜ୍ୟରେ ହିନ୍ଦି ଭାଷାର ବ୍ୟବହାରକୁ ବିରୋଧ କରୁଥିଲେ। ଏବେ ନୂଆ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ ମଧ୍ୟ ସମାନ ନୀତି ଆପଣାଇଛନ୍ତି। ଯେମିତିକି ହିନ୍ଦି ହେଉଛି କେବଳ ବିଜେପିର ଭାଷା। ଏହା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ବଡ଼ ବିପଦ। ଭାରତ ହେଉଛି ଏକ ରାଜ୍ୟମାନଙ୍କର ସଂଘ। ସଂଘୀୟ ବ୍ୟବସ୍ଥା ଦ୍ୱାରା ଭାରତ ପରିଚାଳିତ। କେନ୍ଦ୍ର ସରକାର ରାଜ୍ୟର ବିକାଶକୁ ସବୁ ବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ନିକଟରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଆବଶ୍ୟକତା ରହିଛି। ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର-ରାଜ୍ୟ ଏକାଠି କାମ କଲେ କିଛି ଅସମ୍ଭବ ନୁହେଁ। ଏଥିପାଇଁ ରାଜନୈତିକ ମତପାର୍ଥକ୍ୟକୁ ଭୁଲି ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ। କେନ୍ଦ୍ର ସରକାର ଦେଶର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି, ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଯେପରି ସଠିକ ଭାବେ କାର୍ଯ୍ୟକାରୀ ହୁଏ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ତାହାକୁ ସୁନିଶ୍ଚିତ କରିବା ଉଭୟଙ୍କ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଅଭିଯୋଗ ହେଉଛି କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟମାନଙ୍କର ଦାବି ପ୍ରତି ଅବହେଳା କରୁଛନ୍ତି। ଉଦାହରଣ ସ୍ୱରୂପ ତାମିଲନାଡୁ ମୁଖ୍ୟମନ୍ତ୍ରୀ ନିୟମିତ ଅଭିଯୋଗ କରି ଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜ୍ୟର ହକ ଦେଉନାହାଁନ୍ତି। କେନ୍ଦ୍ର ସରକାର ରାଜ୍ୟର ପ୍ରାପ୍ୟ ପ୍ରଦାନ କରୁ ନାହାଁନ୍ତି। କେରଳ ମଧ୍ୟ ସମାନ ଅଭିଯୋଗ କରି ଆସୁଛି। ମମତାଙ୍କର ମଧ୍ୟ ଏହା ଏକ ଧାରାବାହିକ ଅଭିଯୋଗ ଥିଲା। ତେଣୁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସବୁ ବେଳେ ଟକ୍କର ଦେଖିବାକୁ ମିଳୁଛି। କିଛି ରାଜ୍ୟ ଅବଶ୍ୟ ମାତ୍ରାଧିକ ଅଭିଯୋଗ କରୁଛନ୍ତି। କିନ୍ତୁ କିଛି ମାତ୍ରାରେ ଅଭିଯୋଗ ମଧ୍ୟ ସତ୍ୟ। କେନ୍ଦ୍ର ସରକାର ରାଜନୈତିକ ଦୃଷ୍ଟିରୁ ବିଚାର ନକରି ସବୁ ରାଜ୍ୟର ସମାନ୍ତରାଳ ବିକାଶ ପ୍ରତି ଗୁରୁତ୍ୱ ଦେବା ଉଚିତ।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

॥ ପ୍ରଫେସର ହୃଦୟନାଥ ଥାଟୋଇ ॥


“ ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।


ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଧିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟି ରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନାଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଟଂରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।


ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।


# ହୁଅନ୍ତୁ ପିଲାର ବନ୍ଧୁ

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ୍ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ

॥ ଅଜୟ କୁମାର ବେହେରା ॥

ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ତାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତି କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧ୍ୟରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ଋଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବ୍ୟାସ ଫାଉଣ୍ଡେସନର ଚତୁର୍ଦ୍ଦଶ ପତ୍ରିକା ଓ ପ୍ରତିଭା ପୂଜନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ



ପାରାଦୀପ, (ମହାଭାରତ) : ସେବା ଓ ଅଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅଗ୍ରଣୀ ସଂଗଠନ ବ୍ୟାସ ଫାଉଣ୍ଡେସନର ସପ୍ତମ ବାର୍ଷିକ ଉତ୍ସବ ତଥା ସଂଗଠନର ମୁଖପତ୍ର ଗୀତା ଜ୍ଞାନାଞ୍ଜନ ପତ୍ରିକାର ୧୪ ସଂଖ୍ୟାର ଶୁଭ ଉନ୍ମୋଚନ ଆସନ୍ତା ୨୩/୮/୨୦୨୬ ରବିବାର ଆମ୍ବଶାଳ ବାଲିକୁଦା ସ୍ଥିତ କଲ୍ୟାଣ ମଣ୍ଡପରେ କରାଯିବାକୁ ସ୍ଥିର କରାଯାଇଛି । ଏଥିପାଇଁ ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱ ତଥା ମା କୁତାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ.ପ୍ରସନ୍ନ କୁମାର୍ ବାରିକ୍ ଙ୍କ ସଭାପତିତ୍ୱରେ ଜଗତସିଂହପୁର ସ୍ଥିତ ରଶ୍ମିପ୍ରଭା ମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଂଗଠନର ପ୍ରମୁଖ ଉପଦେଷ୍ଟା ପଣ୍ଡିତ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ, ଡଃ.ନୀଳମଣି ପାଣି, ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ, ଶ୍ରୀମତୀ ମାମିନା ପଣ୍ଡା, ରଜନୀ କାନ୍ତ ପାଣି, ବଂଶୀଧର ସ୍ୱାଇଁ, ରଂଜନ କୁମାର ପ୍ରଧାନ, ଆକାଶ କୁମାର ପ୍ରଧାନ, ଶରତ ଚନ୍ଦ୍ର ଦାଶ,ନଗେନ୍ଦ୍ର ନାଥ ସ୍ୱାଇଁ, ଶିଶୁ ନୃତ୍ୟ ଶିଳ୍ପୀ ଆଦ୍ୟାଶ୍ୟା ପ୍ରିୟଦର୍ଶିନୀ ଓ ବ୍ୟାସ ବିଷ୍ଣୁ ସ୍ନେହାଳୟର ସଭାପତି ଡଃ. ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ଅବସର ପ୍ରାପ୍ତ ଉଚ୍ଚଶିକ୍ଷା ସଚିବ ସହଦେବ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ନିଜସ୍ୱ ମତ ଉପସ୍ଥାପିତ କରିଥିଲେ । ସଂଗଠନର ନିୟମାନୁସାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ଜଳାଭିଷେକ ପାଇଁ ହରିଶଙ୍କରଙ୍କ ଠାରେ ଭକ୍ତଙ୍କ ପ୍ରବଳ ଭିଡ଼

ପାଟଣାଗଡ, (ମହାଭାରତ) : ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିବାରୁ ରାଜ୍ୟର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଜଳାଭିଷେକ ଅନୁଷ୍ଠିତ ହୋଇଥିଲା ! ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା ! ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପାପନାସିନୀ ଝରଣାରେ ସ୍ନାନ କରି ଜଳ ଉଠାଇ ମନ୍ଦିରକୁ ଯାଇ ଧୂପ ଦୀପ, ଫୁଲ, ଚନ୍ଦନ, ସିନ୍ଦୁର ସହ ବେଲପତ୍ର ଦେଇ ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ ଶିବ ପଞ୍ଚାକ୍ଷର ମନ୍ତ୍ର ଗାନ କରି ମହାଦେବଙ୍କୁ ଜଳାଭିଷେକ କରିଥିଲେ ! ପ୍ରଭୁଙ୍କ



ଉପରେ ପାଣି ଢ଼ାଳିବା ପାଇଁ ବାହୁଙ୍ଗି ଭାର ଧରି ରାସ୍ତାରେ ବୋଲବମ ହରହର ବମ ଧ୍ୱନୀର ତାଳେ ତାଳେ ଚାଲିଥିଲେ ! କାଉଡ଼ିଆ ମାନଙ୍କ ବୋଲ ବମ ହରହର ବମ, ବାବାମଣି ନିଅ ଟାଣି, ହରିଶଙ୍କରେ ବାବା ପାର କରେଗା, ଜଟିଆ ଧାରି ପାର କରେଗା ଆଦି ଧ୍ୱନୀରେ ଗଗନ ପବନ ମୁଖରିତ ହୋଇଥିବା ବେଳେ ଏକ ସାତ୍ତ୍ୱିକ ବାତାବରଣ ସୃଷ୍ଟି ହୋଇଥିଲା ! କାଉଡ଼ିଆ ମାନଙ୍କୁ ଉତ୍ସାହିତ କରିବା ପାଇଁ ଗାଡ଼ିରେ ଡାକବାଜି ଯନ୍ତ୍ର ଦ୍ୱାରା ବୋଲବମ ଗୀତ ବାଜୁଥିବାବେଳେ କାନ୍ଧରେ ପାଣିଭାର ଧରି ଶ୍ରଦ୍ଧାଳୁଙ୍କ ପାଦ ଆଗେଇ ଚାଲିଥିଲା ଶୈବପୀଠ ଅଭିମୁଖେ ! ଏହି ଶ୍ରଦ୍ଧାଳୁଙ୍କ ମଧ୍ୟରେ ମହିଳାମାନେ ମଧ୍ୟ ଭାଗ ନେଇଥିବା ଦେଖିବାକୁ ମିଳିଥିଲା ! ମନ୍ଦିର ପ୍ରଶାସନ ତରଫରୁ ଶ୍ରଦ୍ଧାଳୁ ଙ୍କ ଭିଡକୁ ଲକ୍ଷ କରି ସ୍ୱତନ୍ତ୍ର ବ୍ୟାରିକେଡ ବ୍ୟବସ୍ଥା କରା ଯାଇ ଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ବହୁମାତ୍ରା ରେ ପୋଲିସ ମୁତୟନ କରାଯାଇଥିବା ଜଣା ପଡିଛି !

## ପାରଳା ରାଜପ୍ରାସାଦ ପରିଦର୍ଶନ କଲେ ପରିବହନ ମନ୍ତ୍ରୀ

ପାରଳାଖେମୁଣ୍ଡି, (ମହାଭାରତ) : ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପାରଳାଖେମୁଣ୍ଡି ରାଜପ୍ରାସାଦ ପରିଦର୍ଶନ କରିଛନ୍ତି । ୧୮୪୩ ମସିହାରେ ନିର୍ମିତ ଏହି ରାଜପ୍ରାସାଦ ଅନେକ ମୂକସାକ୍ଷୀ ଛାଡ଼ି ଯାଇଛି ।ସେ ଉତ୍କଳ ସମ୍ମିଳନୀର ଅଭ୍ୟୁଦୟ ହେଉ ନୂତନ ଓଡିଶା ପୁନର୍ଗଠନ ହେଉ ଏଠି ଅନେକ ସ୍ମାରକୀ ଛାଡି ଯାଇଛି । ପାରଳାଖେମୁଣ୍ଡି ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ନୂତନ ଓଡିଶା ଗଠନ କାହାକୁ ଅଛପା ନାହିଁ । ତେଣୁ ଏହି ପୁରାତନ ପ୍ରାସାଦ ଆଜି ଭଗ୍ନ ଅବସ୍ଥାରେ ରହିଛି । ଏହାକୁ ପୁନଃନିର୍ମାଣ ଏବଂ ମରାମତି କରିବାକୁ ବହୁଦିନ ହେଲା ସ୍ଥାନୀୟ ଶିକ୍ଷାବିତ୍ ଦାବୀ କରିଥିଲେ ।ମନ୍ତ୍ରୀ ପାରଳା ମହାରାଣୀ ସୁଶ୍ରୀ କଲ୍ୟାଣୀ ଦେବୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ ।

## ରାଇଘରରେ ଯୁବ ଛାତ୍ର ସମାଜର ବିଶାଳ ପଦଯାତ୍ରା, ସ୍ଥାନୀୟଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦାବି




ରାଇଘର, (ମହାଭାରତ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ସୋମବାର ଯୁବ ଛାତ୍ର ସମାଜ ପକ୍ଷରୁ ଏକ ବିଶାଳ ପଦଯାତ୍ରା ଆୟୋଜିତ ହୋଇଥିଲା । ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ହଜାର ହଜାର ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀ ଯୋଗଦେଇ ନିଜର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ ।ପଦଯାତ୍ରା ପରେ ପ୍ରତିନିଧିମାନେ ରାଇଘର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ରାଇଘର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ୧୨/୦୭/୨୦୨୬ ତାରିଖରେ ଦାଖଲ ହୋଇଥିବା ଜାତିଆଣ ଅପମାନ ସମ୍ପର୍କିତ ଅଭିଯୋଗ ଉପରେ ଏପର୍ଯ୍ୟନ୍ତ ଏଫ୍ ?ଆଇଆର୍ ? ରୁଜୁ ହୋଇନଥିବା ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ପ୍ରତି ବିରୋଧ ଜଣାଇଥିଲେ ।ପଦଯାତ୍ରାର ମୁଖ୍ୟ ଦାବି ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ତୃତୀୟ ଓ ଚତୁର୍ଥ ଶ୍ରେଣୀ (ଗ୍ରେଡ୍–ଉ ଓ ଗ୍ରେଡ୍–ଡ଼) ସରକାରୀ ପଦବୀ, ଚୁକ୍ତିଭିତ୍ତିକ ଏବଂ ଯୋଜନାଭିତ୍ତିକ ନିଯୁକ୍ତିରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ପ୍ରଥମ ପ୍ରାଥମିକତା ଓ ସଂରକ୍ଷଣ ପ୍ରଦାନ କରିବା ସହ ରାଇଘର ବ୍ଲକରେ ନୂତନ ରୋଜଗାର ସୁଯୋଗ ସୃଷ୍ଟି, ସ୍ୱତନ୍ତ୍ର ଆର୍ଥିକ ଯୋଜନା, ଦକ୍ଷତା ବିକାଶ କେନ୍ଦ୍ର ଏବଂ ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ଦାବି ରହିଥିଲା ।ବକ୍ତାମାନେ କହିଥିଲେ, ଏହି ସବୁ ଦାବି ପୂରଣ ହେଲେ ଅଞ୍ଚଳର ଶିକ୍ଷିତ ଯୁବକ-ଯୁବତୀଙ୍କୁ ସ୍ଥାନୀୟ ସ୍ତରରେ କର୍ମସଂସ୍ଥାନ ମିଳିବା ସହ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ଭାବେ ପ୍ରବାସ କମିପାରିବ । ଏହି ପଦଯାତ୍ରାରେ ଗଣ୍ଡୱାନା ଛାତ୍ର ସଂଘର ସଭାପତି ନକୁଳ ଗଣ୍ଡ, ସମ୍ପାଦକ ଯଶୱାନା, ପୂର୍ବତନ ଶମ୍ଭଙ୍କ ବ୍ଲକ ସଭାପତି ବିଜୟ କୁମାର ଗଣ୍ଡ, ଜୋନ ଉପସଭାପତି ବାଲସିଂ ଗଣ୍ଡ, ନରସିଂ ଗଣ୍ଡ, ଜୟରାମ ଗଣ୍ଡ, ନେହେରୁ ଗଣ୍ଡଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଯୁବକ-ଯୁବତୀ ଓ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ପାରାଦୀପ ରୋଟାରୀ କ୍ଲବର ରଜତ ଜୟନ୍ତୀ ଓ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ରୋଟାରୀ କ୍ଲବର ୨୬ତମ ପ୍ରତିଷ୍ଠା ଦିବସ ତଥା ରାଜତ ଜୟନ୍ତୀ ଉତ୍ସବ ହୋଟେଲ ମେ ଫେୟାର ସମ୍ମିଳନୀ କକ୍ଷରେ ମହା ସମାରୋହରେ ପାଳିତ ହୋଇଯାଇଛି । ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ରୋଟାରୀଆନ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଏବଂ ଆଇ.ପି.ଡି.ଜି. ରୋଟାରୀଆନ ମନୋଜ କୁମାର ତ୍ରିପାଠୀ ଓ ପ୍ରଥମ ମହିଳା ସୁବ୍ରତା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦାୟୀ ସଭାପତି ରୋଟାରୀଆନ ସୁସାନ୍ତ କୁମାର ବାଗ ନୂତନ ସଭାପତି ରୋଟାରୀଆନ ଅକ୍ଷୟ ଚନ୍ଦ୍ର ସୁତାରଙ୍କୁ ଏବଂ ସମ୍ପାଦକ ବିପ୍ଳବ କୁମାର ଜେନା ନୂତନ ସମ୍ପାଦକ ଇଂ. କାଳୀ ପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଏଥିରେ କ୍ଲବରେ




ମୋଟ ୧୧ ଜଣ ନୂତନ ସଦସ୍ୟ ସାମିଲ ହୋଇଥିଲେ । ରଜତ ଜୟନ୍ତୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ୍.ହରନାଦ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟ ବାବୁରାଓ ମାଣେ ଏବଂ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କ୍ଲବର ସମାଜସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ କ୍ଲବର ସମସ୍ତ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରଜତ ଜୟନ୍ତୀ ସ୍ମାରକୀ 'ପାରାଦୀପିକା' ଲୋକାର୍ପିତ ହୋଇଥିଲା । ରୋଟାରୀଆନ ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରୋଟାରୀଆନ ଡା. ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରୋଟାରୀ କ୍ଲବର ଅଧ୍ୟକ୍ଷ ଅକ୍ଷୟ ସୁତାର ଆଗାମୀ ବର୍ଷ ପାଇଁ ନିଜର ଦୃଷ୍ଟିକୋଣ ପ୍ରକାଶ କରିଥିଲେ । ଡା.ଦୁର୍ଗା ପ୍ରସାଦ ସେଠୀ, କ୍ୟାପ୍ଟେନ୍ ଅଲେଖ ଚନ୍ଦ୍ର ସାହୁ, କ୍ୟାପ୍ଟେନ୍ ସୁଶାନ୍ତ ବାଗ, ବିପ୍ଳବ ଜେନା, ଦୀପକ କୁମାର ସାରଙ୍ଗୀ, ହରିହର ଦାଶ, ଡା. ଅଲୋକ ଲେଙ୍କା, ପ୍ରତାପ ଚନ୍ଦ୍ର ମଥାନ, ସୁଦର୍ଶନ ସ୍ୱାଇଁ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## କେଶର କ୍ଷେତ୍ର ଚଣ୍ଡିହର ଦେବଙ୍କ ପୀଠରେ କାଉଡ଼ିଆଙ୍କ ଭିଡ

ଟାଙ୍ଗୀ, (ମହାଭାରତ) : ଶ୍ରାବଣ ମାସର ପ୍ରଥମ ସୋମବାରରେ ଖୋର୍ଦ୍ଧା ଜିଲ୍ଲା ଚଣ୍ଡେଶ୍ୱର ସ୍ଥିତ କେଶର କ୍ଷେତ୍ର ଚଣ୍ଡିହର ଦେବଙ୍କ ପୀଠରେ ଜଳ ଲାଗି କରିବାପାଇଁ ଭୋରୁ କାଉଡ଼ିଆଙ୍କ ଭିଡ ଲାଗି ରହିଛି । ବିଭିନ୍ନ ନଦୀ ଘାଟରୁ କାଉଡ଼ିଆମାନେ ଉପାସ



ରଖି ନିତିକାନ୍ତି ସହିତ ପୂଜା ଅର୍ଚ୍ଚନା କରି ପାଣି ଉଠାଇ ଶୈବପୀଠକୁ ଆସିଛନ୍ତି ।ରଙ୍ଗ ବେରଙ୍ଗର ସଜା ଯାଇଥିବା ବାହୁଙ୍ଗି ରେ ଜଳ ଆଣି ମହାଦେବ ଙ୍କ ନାମ ସ୍ମରଣ କରି ପ୍ରଭୁ ଚଣ୍ଡିହର ଦେବଙ୍କ ପୀଠରେ ଜଳଲାଗି କରିଛନ୍ତି । ମନ୍ଦିର ପରିଚାଳନା ପକ୍ଷରୁ କାଉଡ଼ିଆ ମାନଙ୍କ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।।

## ବୈତରଣୀରୁ ଜଳ ଆଣି ସ୍ୱପ୍ନେଶ୍ୱର ମହାଦେବଙ୍କୁ ଜଳାଭିଷେକ



କରଞ୍ଜିଆ, (ମହାଭାରତ) : ପବିତ୍ର ଶ୍ରାବଣ ମାସ ଉପଲକ୍ଷେ ସମଗ୍ର ଅଞ୍ଚଳରେ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ଦେଖିବାକୁ ମିଳୁଛି । ଶ୍ରାବଣ ମାସରେ ଭଗବାନ ଶିବଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଥିବାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ବୋଲବମ ଯାତ୍ରାରେ ସାମିଲ ହେଉଛନ୍ତି । ଭକ୍ତମାନେ ବିଭିନ୍ନ ପବିତ୍ର ନଦୀରୁ ଜଳ ସଂଗ୍ରହ କରି କାନ୍ଧରେ କାଉଡ଼ି ବହନ କରି ଶିବ ମନ୍ଦିରରେ ପହଞ୍ଚି ମହାଦେବଙ୍କ ନିକଟରେ ଜଳାଭିଷେକ କରି ନିଜ ମନୋକାମନା ପୂରଣ ପାଇଁ ପ୍ରାର୍ଥନା କରୁଛନ୍ତି । ସୋମବାର ସକାଳୁ ସୁଣିନ୍ଦା, ଦିଗଧର ଓ ମିଟୁଆଣି ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ପୁଣ୍ୟତୋୟା ବୈତରଣୀ ନଦୀରୁ ବିଧିବଦ୍ଧ ଭାବେ ପବିତ୍ର ଜଳ ସଂଗ୍ରହ କରିଥିଲେ । 'ବୋଲ ବମ୍', 'ହର ହର ମହାଦେବ' ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା । ଭକ୍ତମାନେ ଶୃଙ୍ଖଳିତ ଭାବେ ପଦଯାତ୍ରା କରି ଦିଗଧର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସୁଣିନ୍ଦା ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚି ଭଗବାନ ଶିବଙ୍କ ନିକଟରେ ପବିତ୍ର ଜଳ ଅର୍ପଣ କରି ଜଳାଭିଷେକ ସମ୍ପନ୍ନ କରିଥିଲେ ।

## ବକ୍ସି ତୁଳସିପାଲି ବିଦ୍ୟାଳୟରେ ପରିଚାଳନା କମିଟିର ସଭାପତି ହେଲେ ଗୋପବନ୍ଧୁ ନାଏକ

ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବକ୍ସିତୁଳସିପାଲି ଗ୍ରାମ ପଂଚାୟତ ସ୍ଥିତ ସରକାରୀ ଉର୍ନତି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ଜୁନାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ABEO ତଥା BRCC ଖିରୋଦ କୁମାର ଭୋଇ ଓ ସମ୍ମାନିତ ଅତିଥି ଭାବରେ ବକ୍ସି ତୁଳସିପାଲି କ୍ଲଷ୍ଟରର CRCC ପରେଶ ପଣ୍ଡା ଯୋଗଦାନ କରିଥିଲେ । ଉକ୍ତ ସଭାର କାର୍ଯ୍ୟକ୍ରମରେ ଖିରୋଦ କୁମାର ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ଏହାପରେ ପୂର୍ବ ପ୍ରଧାନ ଶିକ୍ଷକ ହିମାଂଶୁ ଭୋଇ ନୂତନ କମିଟି ଗଠନ ବିଷୟରେ ଭାଷଣ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ଚରଣ ସୋରେନ କମିଟି ଗଠନର ନୀତିନିୟମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହା ପରେ ବିଦ୍ୟାଳୟ ର ପରିଚାଳନା କମିଟିର ସଦସ୍ୟ /ସଦସ୍ୟା କୁ ନେଇ ଏକ ଚୟନକମିଟି ଗଠନ ହୋଇଥିଲା ଓ ସମସ୍ତଙ୍କ ର ସହମତିରେ ଶ୍ରୀଯୁକ୍ତ ଗୋପବନ୍ଧୁ ନାଏକଙ୍କୁ କମିଟି ର ସଭାପତି ଭାବରେ ଚୟନ କରାଗଲା । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ତଥା ଉକ୍ତ ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ଦାନୀବିଶି, ମୁନା ମୁହାଖୁଡ଼, ଭୃକୁଟି ଗୌଡ଼, ଆଶିଷ ଶବର, ପ୍ରତାପ ପାଣି କିରାଣୀ ବିଦୁର ନିଆଲ ଓ ବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ସଭାକାର୍ଯ୍ୟକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ମୋ ଗାଁ ପରିବେଶ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଉମରକୋଟ (ମହାଭାରତ) ସ୍ଥାନୀୟ ପ୍ରକୃତିମିତ୍ର ଫକୀରମୋହନ ପାଠନଶାଳା ଏବଂ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ନବରଙ୍ଗପୁରର "ମୋ ଗାଁ ପରିବେଶ ପରିଷଦ"ର ମିଳିତ ଆନୁକୂଲ୍ୟରେ "ପରିବେଶ ହେଉ ସବୁଜ ସ୍ୱଚ୍ଛ, ଯେତେ ପାର ସେତେ ଲଗାଅ ଗଛ" କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏକ ମାସ ବ୍ୟାପୀ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଉମରକୋଟ, ଝରିଗାଁ ଓ ରାଇଘର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ୍, ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସାର୍ବଜନିକ ପରିସରରେ ଏକ ହଜାର ଗଛ ରୋପଣ କରିବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍ଘାଟନ ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ ସହ ପରିବେଶ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ସଭ୍ୟସଭ୍ୟା, ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଏବଂ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବୃକ୍ଷରୋପଣ ମାଧ୍ୟମରେ ପରିବେଶର ସୁରକ୍ଷା ଓ ସବୁଜିମା ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା ।

## ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ' ମେସିନ




ଗଣିଆ, (ମହାଭାରତ): ଗଣିଆ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଥିଲେ ହେଁ, ଏହା ଏବେ ନାମକୁ ମାତ୍ର ଚାଲିଛି । ମୌଳିକ ଭିତ୍ତିଭୂମି ଓ ଆବଶ୍ୟକୀୟ ଡାକ୍ତରୀ ସରଞ୍ଜାମ ଅଭାବରୁ ରୋଗୀସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ନା ଅଛି ଅଲଟ୍ରାସାଉଣ୍ଡ ମେସିନ, ନା ଅଛି ଏକ୍ସ-ରେ' ସୁବିଧା । ଫଳରେ ଦୁର୍ଘଟଣାରେ କାହାର ହାତ କିମ୍ବା ଗୋଡ଼ ଭାଙ୍ଗିଗଲେ କିମ୍ବା ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲେ, ରୋଗୀଙ୍କୁ ବାଧ ହୋଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୌଡ଼ିବାକୁ ପଡୁଛି । ସେହିପରି ଗର୍ଭବତୀ ମହିଳାମାନେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଅଲଟ୍ରାସାଉଣ୍ଡ ପାଇଁ ମଧ୍ୟ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି, ଯାହା ଦ୍ୱାରା ସେମାନଙ୍କୁ ଆର୍ଥିକ ଓ ମାନସିକ ଶୋଷଣର ଶିକାର ହେବାକୁ ପଡୁଛି । ଅନ୍ୟପଟେ, ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଅନୁସାରେ ବିଶେଷଜ୍ଞ ଡାକ୍ତର କିମ୍ବା ଅଭିଜ୍ଞ ଚିକିତ୍ସକ ନାହାନ୍ତି । ଏଣୁ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ' ମେସିନ୍ ସହ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାକୁ ପାଇଁ ସାଧାରଣରେ ଦାବି ହେଉଛି ।

### ଜମି ବ୍ୟବସାୟକୁ ନେଇ ଗୁଳିକାଣ୍ଡ ଘଟଣାରେ ଖୋର୍ଦ୍ଧା ପୋଲିସକୁ ବଡ଼ ସଫଳତା

# ୫୦ଲକ୍ଷ ଦାଦାବଟି ନଦେବାରୁ ଆତତାୟୀ କରିଥଲେ ଗୁଳିମାଡ଼

ଖୋର୍ଦ୍ଧା, (ମହାଭାରତ): ନିଶା ସେବନ ଏବଂ ରାତାରାତି କୋଟିପତି ହେବା ନିଶା ଏବେ ସମଗ୍ର ଯୁବଗୋଷ୍ଠୀଙ୍କୁ କବଳିତ କରି ରଖିଥିବା ବେଳେ ଏହାକୁ ଘଟୁଥିବା ଅଘଟଣ ଏବେ ସମାଜକୁ କଳୁଷିତ କରିବାରେ ଲାଗିଛି । କେଉଁଠି ଦାଦାବଟି ତ ଆଉ କେଉଁଠି ଅବୈଧ ଜମି ଅଧିଗ୍ରହଣ ତା ସାଙ୍ଗକୁ ନିଶା କାରବାର ହେଉ କିମ୍ବା ଅପହରଣକୁ ନେଇ ହେଉଛି କଳି ଆଉ ତା ସାଙ୍ଗକୁ ଟିକିଏ ଟିକିଏ କଥାରେ ଫୁଟୁଛି ଗୁଳି । ଏହି ଗୁଳିକାଣ୍ଡରେ କେତେବେଳେ ଚାଲି ଯାଉଛି ନିରୀହ ଲୋକଙ୍କ ଜୀବନ । ଏମିତି କିଛି ଘଟଣା କ୍ରମରେ ଗତ ଜୁଲାଇ ୩୧ ତାରିଖ ରାତିରେ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ପାନବରଜ ଗ୍ରାମରେ ଜମି ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କା ଦାଦାବଟି ଦାବି ଏବଂ ଗୁଳିମାଡ଼ ଘଟଣା ସାରା ଅଞ୍ଚଳରେ ଚହଳ ପକାଇ ଦେଇଥିଲା । ଦୂର ଦୂରର ସମ୍ପର୍କ ନଥିବା ବେଳେ ଏହି ଗୁଳିକାଣ୍ଡ ଘଟଣାରେ ଆତତାୟୀଙ୍କ ଗୁଳିମାଡ଼ର ଶିକାର ହୋଇଥିବା ଅନିଲ ଛୋଟରାୟ ନାମକ ଜଣେ ନିରୀହ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘରୁ ରାତିରେ ବାହାରି ପାନ ଦୋକାନକୁ ଯିବା ତାଙ୍କ ପାଇଁ




ସେ ଦିନ କାଳରାତି ହୋଇ ଯାଇଥାନ୍ତା । ଅନିଲ କିଛି ବୁଝିବା ପୂର୍ବରୁ ଗୁଳି ଆସି ଲାଗିଥିଲା ଡାହାଣ ପଟ କାନ୍ଧରେ । ତେବେ ତୁରନ୍ତ ଚିକିତ୍ସା ଯୋଗୁଁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି ଅନିଲ । ଆଉ ଏହି ଘଟଣା ପ୍ରଘଟିତ ହେବା ମାତ୍ରକେ ଖୋର୍ଦ୍ଧା ମଡେଲ ଥାନା ପୋଲିସ ତୁରନ୍ତ ଆକ୍ସନ ମୋଡକୁ ଆସି ତାର ଅପରେସନ ଆରମ୍ଭ କରି ଦେଇଥିଲା । ଦୀର୍ଘ ୭୨ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଶେଷରେ ପାନବରଜ ଗ୍ରାମର ଶେଖ୍ ନସିମ୍ ଓରଫ୍ ବାବୁଲ (୩୪), ରୋଶନ୍ ମହାରଣା ଓରଫ୍ ଶିବା (୨୨), ସୂର୍ଯ୍ୟ ନାରାୟଣ ମହାନ୍ତି ଓରଫ୍ ମିକୁ (୨୭), ପରେଶ ମହାନ୍ତି ଓରଫ୍ ବୁନୁ (୩୧), ସୌମ୍ୟ ନାରାୟଣ ମହାନ୍ତି ଓରଫ୍ ଲିକୁ (୨୨) ସହିତ ତୋଟାପଡ଼ା ଗ୍ରାମର ମେହେରାଜ୍ ଖାଁ ଓରଫ୍ ରାଜା (୨୫) ଏବଂ ସାମନ୍ତରାପୁର ଅଞ୍ଚଳର ଦେବାଶିଷ ସ୍ୱାଇଁ ଓରଫ୍ ଶିବ ବ୍ୟତୀତ ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଗ୍ରାମର ଦେବୀଦତ୍ତ ମହାନ୍ତି (୩୪) ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ସମୁଦାୟ ୮ଜଣ ଅଭିଯୁକ୍ତ ପୋଲିସ ହାତରେ ଧରା ପଡ଼ିଥିଲେ । ତା ସହିତ ଗୁଳିକାଣ୍ଡରେ ବ୍ୟବହାର ହୋଇଥିବା ଗୋଟିଏ ବିଦେଶୀ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ସ୍କର୍ପିଓ, ମାରୁତି ନେସନ୍ ଏବଂ ମାରୁତି ସୁଇଫ୍ଟ୍ ଗାଡ଼ି ଓ ୬ଟି ଦାମୀ ମୋବାଇଲ ସହିତ ନଗଦ ୯ହଜାର ୫ଶହ ଟଙ୍କା ମଧ୍ୟ ଜବତ କରିଛି ପୋଲିସ । ସୂଚନା ମୁତାବକ ସ୍ଥାନୀୟ ଜକରା ଗ୍ରାମର ଦିବ୍ୟଜ୍ୟୋତି ମିଶ୍ର ନାମକ ଜଣେ ଜମି ବ୍ୟବସାୟୀଙ୍କ ପାନବରଜ ମୌଜାରେ ଜମି ବ୍ୟବସାୟ କରୁଥିବା ଖବର ପାଇ ପାନବରଜ ଗ୍ରାମର ସୂର୍ଯ୍ୟ ନାରାୟଣ ମହାନ୍ତି ଓରଫ୍ (ମିକୁ) ନାମକ ଜଣେ ପେଶାଦାର ଅପରାଧୀ ୫୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା ଆଉ ଅସଫଳ ହେବାରୁ ମିକୁ ଓ ତାର ଅନ୍ୟ ସହଯୋଗୀ ମାନେ ତାଙ୍କୁ ଜରିପୁଟ ହନୁମାନ ମନ୍ଦିର ରାସ୍ତାରୁ ଅପହରଣ କରି ପାନବରଜ ଅଞ୍ଚଳକୁ ନେଇଥିଲେ । ପରେ ଉଭୟ ପକ୍ଷ ମଧ୍ୟରେ ବଚସା ହେବା ସମୟରେ ସୂର୍ଯ୍ୟ ନାରାୟଣ ମହାନ୍ତି ଓରଫ ମିକୁ ଗୁଳି ଦିବ୍ୟଜ୍ୟୋତିଙ୍କ ଉପରକୁ ଗୁଳି ଚଳାଇଥିଲା , ହେଲେ ଦିବ୍ୟଜ୍ୟୋତି ଗୁଳିମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଗୁଳି ଯାଇ ନିରୀହ ଅନିଲଙ୍କ ଦେହରେ ବାଜିଥିଲା । ତେବେ, ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ଜିଲ୍ଲାର ବିଭିନ୍ନ ଥାନାରେ ପ୍ରାୟ ୨୬ଗୋଟି ଅପରାଧିକ ମାମଲା ରହିଥିବା ବେଳେ ଗୁଳିକାଣ୍ଡ ଘଟଣାକୁ ନେଇ ଦାଦାବଟି, ଅପହରଣ, ହତ୍ୟା ଉଦ୍ୟମ, ବେଆଇନ ଅସ୍ତ୍ର ରଖିବା ସମେତ ବିଭିନ୍ନ ସଙ୍ଗୀନ ଦଫାରେ ମାମଲା ରୁଜୁ କରାଯାଇଛି । ଖୋର୍ଦ୍ଧାରେ ଏହି ଦାଦାବଟି ଏବଂ ଗୁଳିମାଡ଼ ଭଳି ସଙ୍ଗୀନ ଅପରାଧରେ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଅପରାଧୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟର ବାର୍ତ୍ତା ଦେଉଥିବା ବେଳେ ଘଟଣାରେ ଆହୁରି କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଜାରି ରହିଛି ।

## ଟିଟିଲାଗଡ଼ରେ କଂଗ୍ରେସ ପକ୍ଷରୁ ଏସଆଇଆର ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଟିଟିଲାଗଡ଼(ମହାଭାରତ): ଟିଟିଲାଗଡ଼ରେ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ପକ୍ଷରୁ ଏସଆଇଆର ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ଓ ଦଳର ନେତୃବୃନ୍ଦ, କର୍ମୀ ଓ ବିଭିନ୍ନ ସ୍ତରର ପଦାଧିକାରୀମାନେ ଯୋଗଦେଇ ଏସଆଇଆର ଉଦ୍ଦେଶ୍ୟ, କାର୍ଯ୍ୟପଦ୍ଧତି ଏବଂଜନସାଧାରଣ ଙ୍କ ପାଖରେ ଏହାକୁ ସଠିକ୍ ଭାବେ ପହଞ୍ଚାଇବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ବାଗ କହିଥିଲେ ଯେ, ଯୋଗ୍ୟ ଥିବା କୌଣସି ବ୍ୟକ୍ତି ଯେପରି ବାଦ ନ ପଡ଼ନ୍ତି, ସେଥିପାଇଁ ଘରେ ଘରେ ଯାଇ ସଚେତନତା ସୃଷ୍ଟି କରିବା, ସମସ୍ତଙ୍କୁ ସହଯୋଗ କରିବା ଏବଂ ଆବଶ୍ୟକ ହେଲେ ସହାୟତା ପ୍ରଦାନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। କଂଗ୍ରେସ ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ସମସ୍ତ ଯୋଗ୍ୟ ନାଗରିକଙ୍କ ଅଧିକାର ସୁନିଶ୍ଚିତ କରିବା ଏବଂ କୌଣସି ଲୋକ ବାଦ ନ ପଡ଼ିବା ପାଇଁ କଂଗ୍ରେସ ଦଳ ସମର୍ପିତ ଭାବେ କାର୍ଯ୍ୟ କରିବ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ କର୍ମୀମାନଙ୍କୁ ଅଧିକ ସକ୍ରିୟ ଓ ଦାୟିତ୍ୱବାନ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଯାଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଟାଉନ କଂଗ୍ରେସ ସଭାପତି ରଞ୍ଜନ ଦାସ, ବ୍ଲକ କଂଗ୍ରେସ ସଭାପତି ମଗନ ନାଗ, ପିସିସି ର ପୂର୍ବତନ ସଦସ୍ୟ ସୁମନ ବେହେରା, ଜିଲ୍ଲା ଉପସଭାପତି ଦେବାନନ୍ଦ ସାହୁ, ୮ନଂ ଜୋନ ସଭାପତି କୁନା ସାହୁ, ଛନ୍ଦାଚରଣ କଟା, ଯୋଗେଶ୍ୱର ମହାନନ୍ଦ, ଦୋଳମଣୀ ମାଝୀ, ଲିଙ୍ଗରାଜ ସୁନା, ଯାଇସିଂ ତାଣ୍ଡି, ବିନୋଦ କାଣ୍ଡର, ଆଉ ସମସ୍ତ ବିଏଲଏ ୨ ଉପସ୍ଥିତ ଥିଲେ।

## ଗଜପତିର ସ୍ୱାଗତିକାଂକର ବିଶ୍ୱ ମଞ୍ଚରେ ସଫଳତା




ପାରଳାଖେମୁଣ୍ଡି(ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଚିତ୍ରକାର ସାହିର ବାସିନ୍ଦା ଭାସ୍କର ପାଣିଗ୍ରାହୀଂକ କନ୍ୟା ସ୍ୱାଗତିକା ପାଣିଗ୍ରାହୀ ଥାଇଲାଣ୍ଡରେ ଆନ୍ତର୍ଜାତିୟ ବିଶ୍ୱମଂଚରେ ଭାରତ ଓ ଓଡିଶା ପାଇଁ ଗୌରବ ଆଣିଛନ୍ତି ।ମୁମ୍ବାଇ ଗ୍ଲୋବାଲ ଦ୍ୱାରା ଆୟୋଜିତ ୩୧ତମ ମିସେସ୍ ଏସିଆ ୱାର୍ଲ୍ଡ ୨୦୨୬ ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ ।ଏଥିରେ ସେ ବିଜୟିନୀ ହୋଇ ବଲିଉଡର ବିଶିଷ୍ଟ ଅଭିନେତା ସୁରୀନ୍ଦର ପାଲ ସିଂ ଦ୍ୱାରା ଏହି ପଦବୀରେ ସମ୍ମାନିତ ହୋଇଛନ୍ତି ।ଓଡ଼ିଶାରୁ ସେ ଏକମାତ୍ର ପ୍ରତିନିଧିତ୍ୱ କରିଥିଲେ ।ପୂର୍ବରୁ ୨୦୨୫ ମସିହାରେ ମଧ୍ୟ ମିସେସ୍ ଇଣ୍ଡିଆ ପ୍ରାଇଡ୍ ଅଫ୍ ନେସନ୍‌ରେ ଭାଗ ନେଇ ଗୁଡୱିଲ ଆମ୍ବାସାଡର ପଦବୀ ହାସଲ କରି ଏସିଆ ମଂଚରେ ପ୍ରବେଶ କରିଥିଲେ ।ତାଙ୍କର ଏହି ସଫଳତା ପାଇଁ ନେସନାଲ ଏୱାର୍ଡ ୨୦୨୬ରେ ମଧ୍ୟ ସମ୍ମାନିତ ହୋଇଛନ୍ତି ।ଗଜପତିରୁ ଆରମ୍ଭ ହୋଇଥିବା ତାଙ୍କର ସଫଳ ଯାତ୍ରା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି ।ଇଂଜିନିୟରିଂରେ ଡିଗ୍ରୀ ହାସଲ କରି ରୁର୍କି ରେ ଉଚ୍ଚଶିକ୍ଷା ଲାଭ କରି ବର୍ତ୍ତମାନ ସେ ବେଂଗାଲୁରୁର ବହୁ ଜାତୀୟ ଅଟୋମୋବାଇଲ କମ୍ପାନୀରେ ଆସୋସିଏଟ୍ ଟେକ୍ନିକାଲ ପ୍ରୋଜେକ୍ଟ ମ୍ୟାନେଜର ରୂପେ କର୍ମରତ ଅଛନ୍ତ ।ସେ ନିଜର ଦିବଂଗତ ମାଉସୀଙ୍କ ଠାରୁ ପ୍ରେରଣା ପାଇ ଆଜି ସେ ଶ୍ରେଷ୍ଠସ୍ତରରେ ପହଂଚିପାରିଛନ୍ତି। ସେ ସ୍ୱେଚ୍ଛାସେବୀ ହିସାବରେ ମଧ୍ୟ ନିଜର ଭୂମିକା ସମ୍ପାଦନ କରୁଛନ୍ତି ।ତାଂକର ମାଉସୀ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ ପରଲୋକ ଗମନ କରିଥିଲେୟ ତେଣୁ ସେ ଇଣ୍ଡିଆନ୍ କ୍ୟାନସର ସୋସାଇଟି ଦ୍ୱାରା ଜଡିତ ହୋଇ ସ୍ତନ କର୍କଟର ସଚେତନତା, ମାନସିକ ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସୁସ୍ଥତା ଉପରେ ଲୋକଙ୍କୁ ସଚେତନ କରାଉଛନ୍ତି ।ସେ କହନ୍ତି,ଜଣେ ମହିଳା ନିଜକୁ ସୁସ୍ଥ,ସଶକ୍ତ ଓ ଆତ୍ମବିଶ୍ୱାସ ରଖିଲେ ସେ କେବଳ ନିଜ ଜୀବନକୁ ନୁହେଁ,ନିଜ ପରିବାର ଓ ସମାଜରେ ପରିବର୍ତ୍ତନ ଆଣିପାରିବୟତାଙ୍କର ଏହି ବିରଳ ସମ୍ମାନ ପାଇଁ ସମଗ୍ର ଗଜପତି ଜିଲ୍ଲାରେ ଶୁଭେଚ୍ଛାର ସୁଅ ଛୁଟିଛି ।ବିଶେଷ କରି ମହିଳା ମାନଂକୁ ପ୍ରେରଣା ଦେବ ଏଥିରେ ସନ୍ଦେହ ନାହିଁ।

## ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ରଣହୁଙ୍କାର

ଜୁନାଗଡ଼(ମହାଭାରତ)ଆଜି ଜୁନାଗଡ଼ ଟାଉନହଲ ଠାରେ କଂଗ୍ରେସର ଏକ ର୍ନିବାଚନ ମଣ୍ଡଳୀ ସ୍ତରୀୟ ବୈଠକ ହୋଇଥିଲା ।ଏହି ବୈଠକରେ କଂଗ୍ରେସ ନେତା ମାନେ ସଂଗଠନ କୁ ସୁଧରୁଢ଼ କରିବା ସହିତ ଆଗାମୀ ଦିନରେ କିପରି କଂଗ୍ରେସ ବହୁ ସଂଖ୍ୟାରେ ଆସନ ହାତେଇବ ଏହି ବିଷୟରେ ଆଲୋଚନା କରିଥିଲେ ।ଆଜିର ଏହି ବୈଠକରେ ବ୍ଲକ କଂଗ୍ରେସ ସଭାପତି ଚି□ରଞ୍ଜନ ନିଆଲ ଙ୍କ ନେତୃତ୍ୱରେ ସ୍ଥାନୀୟ ଟାଉନହଲ ଠାରେ ପୂର୍ବତନ ବିଧାୟକ ଭାରତ ବେମାଲ, ଉଚ୍ଚବ ସାହୁ, ଅମିତ ଅଗ୍ରୱାଲ,ପ୍ରଭାତ ଦାସ, ନରହରି ବାଗ,ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ୧ଓ କର୍ମୀ ଉପସ୍ଥିତ ଥିଲେ ।ଗତ ବିଧାନସଭା ର୍ନିବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ତୁଲେଶ୍ୱର ନାଏକ ଡବଲ ଇଞ୍ଜିନ ସରକାର ବିରୋଧରେ ଗର୍ଜିଥିଲେ ।ଅଗାମୀ ଦିନରେ କଂଗ୍ରେସ ଏହି ର୍ନିବାଚନ ମଣ୍ଡଳୀରେ ନିଶ୍ଚୟ ବିଜୟ ଲାଭ କରିବ,ଓ ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ରାଜ୍ୟରେ ଏକ ନମ୍ବର ଦଳ ହେବ ବୋଲି ପ୍ରକାଶ କରିଥିଲେ ।ଆଜିର ଏହି ବୈଠକରେ ର୍ନିବାଚନ ମଣ୍ଡଳୀର କୋଣ ଅନୁକୋଣରୁ ସହସ୍ରାଧିକ କଂଗ୍ରେସ କର୍ମୀଙ୍କ ଉପସ୍ଥିତ ସଙ୍ଗଠନର ପାରୀଦର୍ଶିତ କୁ ଦର୍ଶାଉଛି ବୋଲି, ବ୍ଲକ ସଭାପତି ଚିତ୍ତ ନିଆଲ ପ୍ରକାଶ କରିଛନ୍ତି ।କଂଗ୍ରେସ ଗୋଟିଏ ପରିବାର,ଏହା ଦେଶସାରା ଲୋକେ ଅନୁଭବ କଲେଣି ଓ ଏହାକୁ ସମସ୍ତେ ଗ୍ରହଣ କରିବେ ବୋଲି ପ୍ରଭାତ ଦାସ, ଅମିତ ଅଗ୍ରୱାଲ ସମେତ, ଉପସ୍ଥିତ କର୍ମୀମାନେ ଆଲୋଚନା କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମ,ଓ ଏହାର ସଫଳତାକୁ ନେଇ କଂଗ୍ରେସ କର୍ମୀ ମହଲରେ ଉତ୍ସାହ ପ୍ରତିପାଦିତ ହୋଇଛି ।

## ଓଡ଼ିଶାର ୧୩୩ରୁ ଅଧିକ ଗ୍ରାମରେ ବନ୍ୟା ରିଲିଫ୍ କାର୍ଯ୍ୟର ନେତୃତ୍ୱ ନେଉଛି ଆହ୍ୱାନ ଫାଉଣ୍ଡେସନ୍



**ଭୁବନେଶ୍ୱର,:**ଆହ୍ୱାନ ଫାଉଣ୍ଡେସନ୍ ଓଡ଼ିଶା ବନ୍ୟା ରିଲିଫ୍ ୨୦୨୬ ଅଭିଯାନ ଘୋଷଣା କରିଛି। ଏହି ବୃହତ ମାନବିକ ସହାୟତା ଅଭିଯାନ ଅଧୀନରେ ଓଡ଼ିଶାର ୧୩୩ରୁ ଅଧିକ ବନ୍ୟା ପ୍ରଭାବିତ ଗ୍ରାମରେ ଜରୁରୀ ସହାୟତା ପହଞ୍ଚାଇବା ପାଇଁ ୨୦୦ରୁ ଅଧିକ ସ୍ୱେଚ୍ଛାସେବକଙ୍କୁ ନିୟୋଜିତ କରାଯାଇଛି। ବନ୍ୟାରେ ପ୍ରଭାବିତ ହଜାର ହଜାର ପରିବାରଙ୍କୁ ସହାୟତା ଯୋଗାଇବା ପାଇଁ ୧୦,୦୦୦ଟି ଗ୍ରୋସରୀ କିଟ୍ ବଣ୍ଟନ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ବିଭିନ୍ନ ଜିଲ୍ଲାରେ ବନ୍ୟା ଯୋଗୁଁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହେବା ପରେ ଫାଉଣ୍ଡେସନ୍ ତୁରନ୍ତ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛି। ଉଦ୍ଧାର କାର୍ଯ୍ୟ, ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ବଣ୍ଟନ ଏବଂ ପ୍ରଭାବିତ ପରିବାରଙ୍କୁ ସହାୟତା ପାଇଁ ୨୦୦ରୁ ଅଧିକ ସ୍ୱେଚ୍ଛାସେବକ କାର୍ଯ୍ୟରତ ଅଛନ୍ତି। ଏହି ବୃହ୍ ଅଭିଯାନ ବାଲେଶ୍ୱର, ଭଦ୍ରକ, ବାସୁଦେବପୁର, ମାର୍କୋଣା, ବନ୍ତ, ତିହିଡ଼ି, ଧାମରା, ଧୁଷୁରୀ ଏବଂ ଅନ୍ୟାନ୍ୟ ଗୁରୁତର ପ୍ରଭାବିତ ଅଞ୍ଚଳକୁ ଆବରଣ କରୁଛି। କଷ୍ଟସାଧ ପରିସ୍ଥିତି ସ□ଉଦୁର୍ବଳ ଏବଂ ଆବଶ୍ୟକତାରେ ଥିବା ପରିବାରଙ୍କ ପାଖରେ ସମୟୋପଯୋଗୀ ସହାୟତା ପହଞ୍ଚାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।ଆପତ୍କାଳୀନ ପ୍ରତିକ୍ରିୟାର ଏକ ମୁଖ୍ୟ ଅଂଶ ଭାବେ ଆହ୍ୱାନ ଫାଉଣ୍ଡେସନ୍ ବନ୍ୟା ପ୍ରଭାବିତ ପରିବାରଙ୍କୁ ୧୦,୦୦୦ଟି ଗ୍ରୋସରୀ କିଟ୍ ବଣ୍ଟନ କରିବାର ଏକ ବଡ଼ ଲକ୍ଷ୍ୟ ରଖିଛି। ପ୍ରତ୍ୟେକ ରିଲିଫ୍ କିଟରେ ପରିବାରର ତତ୍କାଳୀନ ଆବଶ୍ୟକତା ପୂରଣ ପାଇଁ ଖାଦ୍ୟ ଏବଂ ସ୍ୱଚ୍ଛତା ସାମଗ୍ରୀ ରହିଛ। ଏଥିରେ ଚାଉଳ, ଡାଲି, ରନ୍ଧଣ ତେଲ, ଚୁଡ଼ା, ଲୁଣ, ବିସ୍କୁଟ୍, ସାବୁନ, ଡିଟରଜେଣ୍ଟ, ଟୁଥପେଷ୍ଟ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ ଅଛି। ଦୀର୍ଘମିଆଦି ପୁନର୍ବାସ କାର୍ଯ୍ୟ ଚାଲୁ ରହିବା ସମୟରେ ଏହି କିଟ୍ଗୁଡ଼ିକ ପରିବାରମାନଙ୍କୁ ଜୀବନଧାରଣରେ ସହାୟତା କରିବ।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପଶୁ ସମ୍ପଦ ସୁରକ୍ଷା

**କେନ୍ଦ୍ରାପଡ଼ା:**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ପ୍ରଭାବିତ ଲୋକମାନଙ୍କ ନିକଟରେ ଆବଶ୍ୟକୀୟ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେ ଗ୍ରହଣ କରୁଛି ।ବରାକାନ୍ଧ ଗ୍ରାମ ପଞ୍ଚାୟତରେ ବନ୍ୟା ଘେରରେ ବିଚ୍ଛିନ୍ନ ହୋଇ ରହିଥିବା ୩ଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ବୋତଲ ବଣ୍ଟନ କରାଯାଇଛି ।ଗଡରୋମିତ ଗ୍ରାମ ପଞ୍ଚାୟତରେ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇ ସେମାନଙ୍କର ତତ୍କାଳୀନ ଖାଦ୍ୟ ଆବଶ୍ୟକତା ପୂରଣ କରାଯାଇଛି ।ଗ୍ରାମାଞ୍ଚଳରେ ପଶୁସମ୍ପଦର ସୁରକ୍ଷାକୁ ଗୁରୁତ୍ୱ ଦେଇ ଗରଦପୁର ବ୍ଲକର ସାନନୟନପୁର ଗ୍ରାମରେ ପଶୁମାନଙ୍କ ପାଇଁ ସବୁଜ ପଶୁଖାଦ୍ୟ (ଗ୍ରୀନ୍ ଫୁଡ୍) ବଣ୍ଟନ କରାଯାଇଛି ।ସେହିପରି ମହାକାଳପଡ଼ା ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପଶୁ ଚିକିତ୍ସା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଓ ଗଣ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି। ପଶୁମାନଙ୍କୁ ବନ୍ୟା ପରବର୍ତ୍ତୀ ସଂକ୍ରାମକ ରୋଗରୁ ସୁରକ୍ଷା ଦେବା ସହିତ ଆବଶ୍ୟକ ଚିକିତ୍ସା ସେବା



ଯୋଗାଇ ଦିଆଯାଉଛି ।ବନ୍ୟା ପ୍ରଭାବିତ ଲୋକମାନଙ୍କୁ ନିୟମିତ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ବାଟିରା ଗ୍ରାମ ପଞ୍ଚାୟତ ଏବଂ ମାର୍ଶାଘାଇ ବ୍ଲକ ସମେତ ବିଭିନ୍ନ ସ୍ଥାନରେ ମାଗଣା ରୋଷେଇ କେନ୍ଦ୍ର (ଫ୍ରି କିଚେନ୍) ନିରନ୍ତର ଚାଲୁ ରହିଛି। ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କୁ ପାନୀୟ ଜଳ, ଖାଦ୍ୟ, ପଶୁସମ୍ପଦ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ସମୟୋପଯୋଗୀ ଭାବେ ପହଞ୍ଚାଇବା ପାଇଁ ସମ୍ପୂର୍ଣ୍ଣ ତତ୍ପରତାର ସହ କାର୍ଯ୍ୟ କରୁଛି।

## ଖୋର୍ଦ୍ଧା ପୌର ପରିଷଦର ୧୮ ନମ୍ବର ୱାର୍ଡ ତିନିବର୍ଷ ଧରି ବିକାଶ କାର୍ଯ୍ୟରୁ ବଞ୍ଚିତ
## ଚାରି ସପ୍ତାହ ମଧ୍ୟରେ ଆବେଦନର ବିଚାର ପାଇଁ ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା,(ମହାଭାରତ) : ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୧୮ ନମ୍ବର ୱାର୍ଡରେ ଗତ ୨୦୨୩ ମସିହା ଠାରୁ ଦୀର୍ଘ ଚାରିବର୍ଷ ଧରି କୌଣସି ବିକାଶମୂଳକ କାର୍ଯ୍ୟ ହୋଇନଥିବା ଅଭିଯୋଗ ସଂପର୍କିତ ମାମଲା ଏବେ ନୂଆ ମୋଡ଼ ନେଇଛି । କାଉନସିଲର ବିଦୁଲତା ସାହୁ ତାଙ୍କ ୱାର୍ଡକୁ ଅଣଦେଖା କରାଯାଉଥିବା ନେଇ ଓଡ଼ିଶା ହାଇକୋର୍ଟରେ ଦାଖଲ କରିଥିବା ରିଟ୍ ପିଟିସନ୍ (୨୧୭୫୩/୨୦୨୬) ଉପରେ ଗତ ୨୯ ଜୁଲାଇ ୨୦୨୬ ତାରିଖରେ ଅଦାଲତ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେବା ପରେ ବିଦୁଲତା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ କୋର୍ଟ ନିର୍ଦ୍ଦେଶ ପାଳନ ପାଇଁ ଆବେଦନ କରିଛନ୍ତି । କାଉନସିଲର ବିଦୁଲତା ସାହୁଙ୍କ ଅଭିଯୋଗ ମୁତାବକ ୨୦୨୩ ମସିହା ଠାରୁ ତାଙ୍କ ୱାର୍ଡ ପାଇଁ ଗୋଟିଏ ବି ବିକାଶମୂଳକ ପ୍ରକଳ୍ପ ଅନୁମୋଦନ ହୋଇନାହିଁ । ଏହି ପ୍ରସଙ୍ଗରେ ସେ ଅନେକଥର ପୌର ପରିଷଦ ବୈଠକରେ ଆପତ୍ତି ଉଠାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଦସ୍ତାବେଜ ଅନୁଯାୟୀ, ୧୩ ଜୁନ୍ ୨୦୨୩ରୁ ଆରମ୍ଭ



କରି ୨୯ ଡିସେମ୍ବର ୨୦୨୩ ମଧ୍ୟରେ ଏବଂ ୩୦ ଅକ୍ଟୋବର ୨୦୨୪ ଠାରୁ ନେଇ ୨ ମଇ ୨୦୨୫ ଓ ୩୦ ଜୁନ୍ ୨୦୨୬ ସହ ବିଭିନ୍ନ ସମୟରେ ଖୋର୍ଦ୍ଧା ପୌରପାଳିକାର ର୍ନିବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥଲେ । ଏହା ସହ ୧୩ ଜାନୁଆରୀ ୨୦୨୬ରେ ଜିଲ୍ଲାପାଳଙ୍କୁ ମଧ ଅବଗତ କରାଇଥିଲେ । ତଥାପି ତାଙ୍କ ୱାର୍ଡ ପାଇଁ କୌଣସି ବିକାଶମୂଳକ କାର୍ଯ୍ୟ ଅନୁମୋଦନ କରାଯାଇନଥିବା ସେ କହିଛନ୍ତି ।ଅଭିଯୋଗ ଅନୁସାରେ, ୧୯ ଜାନୁଆରୀ ୨୦୨୬ରେ ପୌର ପରିଷଦ ବୈଠକରେ ଅନ୍ୟ ୱାର୍ଡଗୁଡ଼ିକ ପାଇଁ ପ୍ରକଳ୍ପ ଅନୁମୋଦନ କରାଯାଇଥିଲେ ମଧ ୧୮ ନମ୍ବର ୱାର୍ଡକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା । ପରେ ୨୪ ଏପ୍ରିଲ ୨୦୨୬ରେ ପ୍ରକାଶିତ ୩୫ଟି ବିକାଶ କାର୍ଯ୍ୟର ଇ-ଟେଣ୍ଡର ନୋଟିସ୍ରେ ମଧ ୱାର୍ଡ ନମ୍ବର ୧୮ର କୌଣସି ପ୍ରକଳ୍ପ ସାମିଲ ହୋଇନଥିଲା । ଏହାକୁ ନେଇ ବିଦୁଲତା ଆପତ୍ତି ଉଠାଇବା ପରେ ଟେଣ୍ଡର ବାତିଲ କରା ଯାଇଥିଲା । କିନ୍ତୁ ୨୩ ଜୁନ୍ ୨୦୨୬ରେ ପୁନର୍ବାର ପ୍ରକାଶିତ ଇ-ଟେଣ୍ଡରରେ ମଧ ୱାର୍ଡ ନମ୍ବର ୧୮କୁ ସ୍ଥାନ ମିଳିନଥିବା ଅଭିଯୋଗ ହୋଇଛି । ଏହା ପରେ ବିଦୁଲତା ସାହୁ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇ ୱାର୍ଡ ନମ୍ବର ୧୮ ପାଇଁ ବିକାଶ କାର୍ଯ୍ୟ ଓ ଅର୍ଥ ମଞ୍ଜୁର କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ୨୯ ଜୁଲାଇ ୨୦୨୬ରେ ମାମଲାର ଶୁଣାଣି କରି ମାନ୍ୟବର ହାଇକୋର୍ଟ ଜିଲ୍ଲା ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଆଇନ ଅନୁଯାୟୀ ଚାରି ସପ୍ତାହ ମଧ୍ୟରେ ଆବେଦନର ବିଚାର କରି ନିଷ୍ପତ୍ତି ନେବା ଏବଂ ପରବର୍ତ୍ତୀ ଦଶ ଦିନ ମଧ୍ୟରେ ସେହି ନିଷ୍ପତ୍ତି ସମ୍ପର୍କରେ ଆବେଦନକାରୀଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ହେଲେ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦେବାକୁ ମଧ ଅଦାଲତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାକୁ ନେଇ ଖୋର୍ଦ୍ଧା ପୌରପାଳିକାର ବିକାଶ କାର୍ଯ୍ୟବଣ୍ଟନ ପ୍ରକ୍ରିୟା ଉପରେ ପୁଣିଥରେ ପ୍ରଶ୍ନ ଉଠିଥିବା ବେଳେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ବିଦୁଲତାଙ୍କ ରିଟ୍ ପିଟିସନ ଉପରେ କଣ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳନ



**ରାଉରକେଲା:** ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ସୋମବାରରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳନ କରାଯାଏ। ଏହା ବିଶ୍ୱର ପରସ୍ପର ସଂଯୁକ୍ତତା ଏବଂ ଆର୍ଥିକ ଅଭିବୃଦ୍ଧି, ସାଂସ୍କୃତିକ ବିନିମୟ ଏବଂ ବିଶ୍ୱ ସହଯୋଗକୁ ପ୍ରୋତ୍ସାହିତ କରିବାରେ ଅନ୍ତର୍ଜାତୀୟ ବାଣିଜ୍ୟର ଗୁରୁତ୍ୱକୁ ସ୍ମରଣ କରାଇଥାଏ। ଏହି ଦିବସ ସମାଜ ଉପରେ ବାଣିଜ୍ୟର ପ୍ରଭାବ ଏବଂ ଏକ ଅଧିକ ସମାନ ଏବଂ ସ୍ଥାୟୀ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ସୁଯୋଗ ଉପରେ ପ୍ରତିଫଳନକୁ ଉତ୍ସାହିତ କରିଥାଏ। ଏହି ଉପଲକ୍ଷେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ରାଉରକେଲା ଆୟୋଜିତ କାର୍ଯ୍ୟକ୍ରମ ଓ ସଭାକୁ ମହାବିଦ୍ୟାଳୟର ଅଧକ୍ଷା ଡ.ସସ୍ମିତା ସାମଲ ଉଦ୍ଘାଟନ କରି ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବାଣିଜ୍ୟ ବିଷୟରେ ଅଧ୍ୟୟନ ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ବିଭାଗୀୟ ମୁଖ୍ୟ ମାୟାଧର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଦିବସ ପାଳନ ସମ୍ପର୍କରେ ଶ୍ରୀ ବାରିକ ସୂଚନା ଦେଇଥିଲେ। ଏହି ଅବସରରେ ଆୟୋଜିତ ୧୬ଟି ଷ୍ଟଲ୍ ମାଧ୍ୟମରେ କ୍ଷୁଦ୍ର ବାଣିଜ୍ୟ ବଜାରରେ ବିଭିନ୍ନ ସାମଗ୍ରୀର ବିପଣନ ଓ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ମୋଟ ୪୧ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଉତ୍କର୍ଷ ପ୍ରଦର୍ଶନ କରିଥିବା ତିନୋଟି ଷ୍ଟଲ୍ର ପ୍ରତିଭାଗୀଙ୍କୁ ପୁରସ୍କୃତ ସହିତ ସମ୍ବର୍ଦ୍ଧିତ କରାଯାଇଥିଲାୟ ଏଥିରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯିବା ସହ ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ମୋଟ ୫ ଘଣ୍ଟାର ସମୟ ମଧ୍ୟରେ ଷ୍ଟଲ୍ ଲଗାଇଥିବା ଛାତ୍ରଛାତ୍ରୀମାନେ ପ୍ରାୟ ୩୪ହଜାର ଟଙ୍କାର ବ୍ୟାପାର କରି ଦିବସ ପାଳନକୁ ସାର୍ଥକ କରିଥିଲେ।ଏହି ସମସ୍ତ ଆୟୋଜନରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଡ. ଅଭିଜିତ ଲେଙ୍କା, ବିନୟ ସାହୁ, ଗଗନ ମାହାତୋ ଏବଂ ଅଧ୍ୟାପିକା ଡ. ରାଜଲକ୍ଷ୍ମୀ ବାରିକ, ରିୟା ସାହୁ, ସୁରଭି ଦାସ ଏବଂ ସୁଶ୍ରୀ ହର୍ଷିତାଙ୍କ ସମେତ ଉଭୟେ ସ୍ନାତକ ଓ ସ୍ନାତକୋ□ର ବର୍ଗର ଛାତ୍ରଛାତ୍ରୀମାନେ ସକ୍ରୀୟ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ଜଲଦା ବ୍ଲକ ଅଞ୍ଚଳରେ ସ୍ୱଚ୍ଛ ଭାରତ ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



**ରାଉରକେଲା,:**ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଥିବା ଜଲଦା ଏ ବ୍ଲକ ଅଞ୍ଚଳକୁ ଆଜି ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଗସ୍ତରେ ଯାଇ ଅଞ୍ଚଳବାସୀଙ୍କ ସମସ୍ୟା ଏବଂ ଅନ୍ୟାନ୍ୟ ଅସୁବିଧା ସମ୍ବନ୍ଧରେ ଆଲୋଚନା କରିବା ସହିତ ଅଞ୍ଚଳର କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ମିଶି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମାଧ୍ୟମରେ ବିଧାୟକ ଶ୍ରୀ ତନ୍ତୀ ନିଜେ ହାତରେ ଝାଡୁ ଧରି ରାସ୍ତା ଉପରେ ଏବଂ ରାସ୍ତା କଡରେ ପଡିଥିବା ଅଳିଆ ଓ ଆବର୍ଜନା ଆଦି ସଫା କରିବା ସହିତ ପରିବେଶର ସୁରକ୍ଷା ନିମିତ୍ତ ବୃକ୍ଷ ରୋପଣ କରିଥିଲେ ।ଏହି ଅବସରରେ ବିଧାୟକ ପ୍ରତ୍ୟେକ ବ୍ୟକ୍ତି ନିଜ ମାଙ୍କ ନାମରେ ନିଜ ସ୍ଥାନରେ ଗୋଟିଏ ଗଛ ଲଗାଇବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ।

## ରାଜନୈତିକ ଦଲାଲଙ୍କ ପଶାପାଲିରେ ଦିବାସ୍ୱପ୍ନ ହୋଇରହିଯିବ କେନ୍ଦ୍ରୀୟବିଦ୍ୟାଳୟ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ହିନ୍ଦୋଳ ଉପଖଣ୍ଡ ବାସୀଙ୍କ ବହୁ ପ୍ରତିକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ ରାଜନୈତିକ ପଶାପାଲି ଓ ରାଜନୈତିକ ଦଲାଲଙ୍କ ଚକ୍ରାନ୍ତରେ ଛନ୍ଦି ହୋଇ ଏବେ ଏବେ ହିନ୍ଦୋଳ ବାସୀଙ୍କ ପାଇଁ ବିଦ୍ୟାଳୟ ଟି ଦିବା ସପ୍ନ ହୋଇ ରହିଯିବାର ପରିସ୍ଥିତି ଦେଖାଦେଇଛି। ସତେଯେପରି ହିନ୍ଦୋଳ ଉପଖଣ୍ଡରେ ବିଦ୍ୟାଳୟ ଟି ହେଉ ରାଜନୈତିକ ମହଲ ରେ କାହାର ଆନ୍ତରିକତା ନଥିବା ଭଳି ମାନେ ହେଉଛି, ସବୁ ପ୍ରସ୍ତୁତି ସତ୍ୱେ ଚଳିତ ଶିକ୍ଷା ବର୍ଷ ରେ ବିଦ୍ୟାଳୟ ଟି ଆରମ୍ଭ ହୋଇପାରିଲା ନାହିଁ, ଅସ୍ଥାୟୀ କ୍ୟାମ୍ପାସ ଜନତା କଲେଜ ରେ ବିଦ୍ୟାଳୟ ଖୋଲି ନାମ ଲେଖା ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ଯୋଜନା ପ୍ରସ୍ତୁତି ହୋଇ ଥିବା ବେଳେ ଏଠାରୁ ସମସ୍ତ ଉପକରଣ ଅନ୍ୟତ୍ର ସ୍ଥାନାନ୍ତରଣ କୁ ନେଇ ହିନ୍ଦୋଳ ବାସୀଙ୍କ




ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ରାଜନୈତିକ ପଶାପାଲିରେ ଛନ୍ଦି ହୋଇ ଦିବା ସପ୍ନ ହୋଇ ରହିଯିବ କି ବୋଲି ଆଶଙ୍କା ସୃଷ୍ଟି ହୋଇଛି ।ତେବେ ସଦରମହକୁମା ତଥା ସହରାଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ହେବା ପ୍ରଥମେ ସରକାରଙ୍କ ପ୍ରସ୍ତାବ ଥିବା ଓ ସରକାରୀ ଗାଇଡ଼ ଲାଇନ ଥିବାକୁ ନେଇ ହିନ୍ଦୋଳ ଏନଏସି ରେ ମଧ ବିଦ୍ୟାଳୟ ଟି ସ୍ଥାପନ ହେଉ ବୋଲି ଅଞ୍ଚଳବାସି ଦାବି କରିଥିଲେ ମାତ୍ର ତାହା ରାସୋଳ ଅଞ୍ଚଳରେ କରାଇବାକୁ ଯୋଜନା କରି କେନ୍ଦ୍ରୀୟ ଟିମଙ୍କୁ ନେଇ ବୁଝାଇ ଦେବାଦ୍ୱାରା ରାଷୋଳ ରେ ଟିମ ସମ୍ମତି ପ୍ରଦାନ କୁ ନେଇ ବିବାଦ ଦେଖାଯାଇଥିଲା । ଅସ୍ଥାୟୀ ଭାବେ ଏବେ ସାତମାଇଲ ସ୍ଥିତ ଜନତା କଲେଜ ରେ ସ୍ଥାପନ ହେବା ନେଇ ନିଷ୍ପତି ହୋଇଥିଲା, ଗତ ଫେବ୍ରୁଆରି ମାସରେ ଜିଲ୍ଲାପାଳ, ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକ ସମେତ କେନ୍ଦ୍ରୀୟ ବିଦ୍ୟାଳୟ ର ଉପରିସ୍ଥ ଅଧିକାରୀ ସମେତ ହିନ୍ଦୋଳ, ବିଡ଼ିଓ, ତହସିଲଦାର, ଓ ଅନ୍ୟନ୍ୟ ବିଭାଗ ର ଅଧିକାରୀ ମାନେ ଆସି ଜନତା କଲେଜ ପରିଦର୍ଶନ କରିବା ସହିତ କଲେଜ ରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ଟି ଆରମ୍ଭ ହେବା ନେଇ ସହମତି ପ୍ରକାଶ କରିଥିଲେ ।ପ୍ରଶାସନ ପକ୍ଷରୁ ତୁରନ୍ତ କଲେଜ ର ୬ ରୁ ଉର୍ଦ୍ଧ ଘର ମରାମତି କାର୍ଯ୍ୟ ଆରମ୍ଭ ହେବା ସହିତ ସେହି କୋଠା ଉପରେ ମଧ ଘର କାର୍ଯ୍ୟ ଆରମ୍ଭ ହୋଇ ଥିଲା, ଏଥିସହ ପ୍ରଶାସନ ର ନିର୍ଦ୍ଦେଶ କ୍ରମେ ୪ ଟି ଗାଡ଼ିରେ ବିଦ୍ୟାଳୟ ଆରମ୍ଭ ହେବାପାଇଁ କମ୍ପୁଟର, ଟେବୁଲ, ଚେୟାର, ସହିତ ଅନ୍ୟାନ୍ୟ ଅନୁସଙ୍ଗିକ ଉପକରଣ ଜିନିଷ ଆସି ଜନତା କଲେଜ ରେ ରହିଥିଲା। ଉପଖଣ୍ଡ ର ମଧ୍ୟସ୍ଥଳ ସାତମାଇଲ ଅଞ୍ଚଳ ରେ ବିଦ୍ୟାଳୟ ଟି ହେଲେ ସମସ୍ତେ ଏହାର ଉପକାର ପାଇପାରିବେ ବୋଲି ଦାବି କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଙ୍କୁ ଭେଟି ବିଦ୍ୟାଳୟ ଟି ଚଳିତ ବର୍ଷ ସାତମାଇଲ ଜନତା କଲେଜ ପରିସରରେ ହେବା ପାଇଁ ଜଣାଇ ଥିଲେ,ହେଲେ ଏବେ ବିଦ୍ୟାଳୟ ଟି ରାଜନୈତିକ ଦଲାଲ ଙ୍କ ପଶା ପାଲିରେ ଛନ୍ଦି ହେବା ସହିତ ଚଳିତ ବର୍ଷ ନାମଲେଖା ହେବା ଦୂରର କଥା ଅସ୍ଥାୟୀ ବିଦ୍ୟାଳୟ ହେବା ପାଇଁ ଯେଉଁସବୁ କେଲେଜ ର ଘର ଭାଙ୍ଗି ନୂତନ ଭାବେ ମରାମତି କରାଯାଉଥିଲା ସେ ସବୁ ଏବେ ସ୍ଥଗିତ ହୋଇ ରହିଥିବା ବେଳେ ୨ ଦିନ ହେବ ବିଦ୍ୟାଳୟ ପାଇଁ ଆସିଥିବା ଟ୍ରିପ ଟ୍ରିପ ଉପକରଣ ଏବେ କଲେଜ ରୁ ସ୍ଥାନାନ୍ତର ହେଉଛି ।ହିନ୍ଦୋଳ ବାସୀଙ୍କ ପାଇଁ ଏବେ କେନ୍ଦ୍ରୀୟ ବିଦ୍ୟାଳୟ ଦିବସପ୍ନ ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲ ରେ ପ୍ରଶ୍ନ ଉଠିଥିବା ବେଳେ ସରଞ୍ଜାମ ଅନ୍ୟତ୍ର ସ୍ଥାନାନ୍ତର ହେଉଥିବା ନେଇ ଉପଖଣ୍ଡ ବାସି ଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସରକାର ହିନ୍ଦୋଳ ଉପଖଣ୍ଡ ରେ ବିଦ୍ୟାଳୟ ସ୍ଥାପନ ପାଇଁ ଜନସାଧାରଣ ରେ ଦାବି ହେଉଛି ।

# ସାଂସଦ ପପୁ ଯାଦବଙ୍କ ଉପରେ ଆକ୍ରମଣ ମାମଲା: ଆକ୍ରମଣକାରୀଙ୍କ ରାଜନୈତିକ ଦଳ ଲିଙ୍କ୍‌ର ତଦନ୍ତ ଦାବି



ନୂଆଦିଲ୍ଲୀ:ବିହାରର ପୂର୍ଣ୍ଣିଆର ସାଂସଦ ତଥା ଜନ ଅଧିକାର ପାର୍ଟିର ନେତା ପପୁ ଯାଦବ ଏକ ସାମ୍ବାଦିକ ସମ୍ମିଳନୀ କରୁଥିବା ସମୟରେ ତାଙ୍କ ଉପରେ ରବିବାର ଦିଲ୍ଲୀରେ ଆକ୍ରମଣ ହୋଇଥିଲା। ଏହି ଘଟଣା ଘଟଣାସ୍ଥଳେ ବ୍ୟାପକ ଉତ୍ତେଜନା ସୃଷ୍ଟି କରିଥିଲା। ପପୁ ଯାଦବଙ୍କ ମିଡିଆ ପରାମର୍ଶଦାତା ଜୈଦ୍ ନୂଆଦିଲ୍ଲୀ ଡିସିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ, ସାମ୍ବାଦିକ ସମ୍ମିଳନୀ ସମୟରେ ହଠାତ୍ ଚାରିରୁ ପାଞ୍ଚ ଜଣିଆ ଏକ ଦଳ ଆସି ପହଞ୍ଚିଥିଲେ। ସେମାନେ ଯୋଜନାବଦ୍ଧ ଆକ୍ରମଣ ଯୋଜନା କରି ପପୁ ଯାଦବଙ୍କୁ ଛୁରୀରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ, ଆକ୍ରମଣକାରୀମାନେ ପପୁ ଯାଦବଙ୍କୁ ଗୁରୁତର ଭାବରେ ଆହତ କରିବା ଏବଂ ହତ୍ୟା କରିବାକୁ ଚାହୁଁଥିଲେ।

ଜୈଦ୍ କହିଛନ୍ତି, ଗଣମାଧ୍ୟମ କର୍ମଚାରୀ ଏବଂ ପପୁ ଯାଦବଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଘଟଣାସ୍ଥଳରେ ଉପସ୍ଥିତ ଥିବାରୁ ବଡ଼ ଧରଣର ଆକ୍ରମଣକୁ ଏଡାଯାଇ ପାରିଥିଲା। ତାଙ୍କ ସହିତ ଥିବା ଦୁଇ ସୁରକ୍ଷା କର୍ମୀ ଆକ୍ରମଣକୁ ରୋକିବାକୁ ଚେଷ୍ଟା କରିବା ସମୟରେ ଆହତ ହୋଇଥିଲେ। ଅଭିଯୋଗରେ କୁହାଯାଇଛି ଯେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ରାଜନୈତିକ ଦଳ ସହିତ ଜଡ଼ିତ। ଗଣମାଧ୍ୟମ ପରାମର୍ଶଦାତା ଘଟଣାର ତଦନ୍ତ ଦାବି କରିଛନ୍ତି। ସେ ହତ୍ୟା ଉଦ୍ୟମ ଧାରା ଅନୁଯାୟୀ ମାମଲା ରୁଜୁ କରିବାକୁ ପୁଲିସକୁ ଅନୁରୋଧ କରିଛନ୍ତି। ଏନେଇ ପୁଲିସ ପକ୍ଷରୁ ବିଏନଏସ ଧାରା ଅନୁଯାୟୀ ଏଫଆଇଆର ରୁଜୁ କରାଯାଇଛି। ନୂଆଦିଲ୍ଲୀ ଜିଲ୍ଲାର ଡିସିପିଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ କହିଛି ଯେ ସେମାନେ ଅଭିଯୋଗ ପାଇଛନ୍ତି ଏବଂ ଘଟଣାର ତଦନ୍ତ କରୁଛନ୍ତି। ସିସିଟିଭି ଫୁଟେଜ୍ ଏବଂ ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ବୟାନ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ରାମ ମନ୍ଦିରରେ ଦାନଚୋରି ପ୍ରସଙ୍ଗକୁ ନେଇ ସଂସଦ ବାହାରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ପପୁ ଯାଦବ ସାଧୁ ବେଶରେ ପ୍ରତିବାଦ କରିଥିଲେ। ଏହାକୁ ନେଇ ବିଜେପି, ବିଶ୍ୱ ହିନ୍ଦୁ ପରିଷଦ ଏବଂ ଅନ୍ୟାନ୍ୟ ହିନ୍ଦୁ ସଂଗଠନମାନଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି ହୋଇଥିଲା। ଦିଲ୍ଲୀ ଏବଂ ବାରାଣସୀ ସମେତ ଅନେକ ସ୍ଥାନରେ ତାଙ୍କ ବିରୋଧରେ ଅଭିଯୋଗ ଏବଂ ଏଫଆଇଆର ଦାୟର କରାଯାଇ ସେ ସାଧୁ ଏବଂ ଭଗବାନ ଶ୍ରୀରାମଙ୍କୁ ଅପମାନିତ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପପୁ ଯାଦବ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ସମାଧାନ ପାଇଁ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେଥିରେ ହଙ୍ଗାମା ହୋଇଥିଲା। ସେଠାରେ ଉପସ୍ଥିତ କିଛି ଲୋକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା ଏବଂ ଗଣ୍ଡଗୋଳ ଆହୁରି ବଢ଼ି ଯାଇଥିଲା। ଏହି ସମୟରେ ଜଣେ ଯୁବକ ପପୁ ଯାଦବଙ୍କୁ ଆକ୍ରମଣ କରିଥିଲେ। କିନ୍ତୁ ପପୁଙ୍କ ସମର୍ଥକମାନେ ତାଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ତା'ପରେ ପୁଲିସ ତାଙ୍କୁ ନେଇଯାଇଥିଲା। ପପୁ ଯାଦବ ଦାବି କରିଥିଲେ ଯେ ଜଣେ ଯୁବକ ଛୁରୀ ଧରି ସାମ୍ବାଦିକ ସମ୍ମିଳନୀରେ ପହଞ୍ଚିଥିଲେ ଏବଂ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ସେ କହିଥିଲେ ଯେ, ଏନେଇ ସେ ଭୟଭୀତ ହେବେ ନାହିଁ।

## ୩୦ ବର୍ଷର ଦୁର୍ଗ ଭାଙ୍ଗିଲେ ପ୍ରଶାନ୍ତ, ବିଜେପି ପ୍ରାର୍ଥୀ ନୀରଜଙ୍କୁ ହରାଇଲେ




ବିହାର : ବିହାର ବାଙ୍କୀପୁର ବିଧାନସଭା ଉପନିର୍ବାଚନରେ ବାଜି ମାରିଲେ ପ୍ରଶାନ୍ତ କିଶୋର । ବାଙ୍କୀପୁରରୁ ଜନ ସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର ବିଜୟ ପାଇଛନ୍ତି । ବିଜେପି ପ୍ରାର୍ଥୀ ନୀରଜ କୁମାରଙ୍କୁ ହରାଇଛନ୍ତି ପ୍ରଶାନ୍ତ କିଶୋର । ୧୮୯୫୧ ଭୋଟରେ ବିଜୟୀ ହୋଇଛନ୍ତି ପ୍ରଶାନ୍ତ । ଏହି ଆସନଟି ଗତ ତିନି ଦଶନ୍ଧି ଧରି ବିଜେପିର ଦୃଢ଼ ଗଡ଼ ଭାବେ ଗଣାଯାଉଥିଲା । ପୂର୍ବତନ ବିଧାୟକ ନିତୀନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ସିଟ୍ ଖାଲି ପଡ଼ିଥିଲା । ବିଜେପିର ଦୁର୍ଗ ଭାବେ ପରିଚିତ ବାଙ୍କୀପୁର ଆସନ ପୂର୍ବତନ ବିଧାୟକ ନିତିନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଖାଲି ପଡ଼ିଥିଲା । ଏଠାରେ ପ୍ରଶାନ୍ତଙ୍କ ସହ ବିଜେପିର ନୀରଜ କୁମାର ସିହ୍ନା ଓ ଆରଜେଡିର ରେଖା କୁମାରୀ ଗୁପ୍ତାଙ୍କ ମଧ୍ୟରେ ଲଢ଼େଇ କରୁଥିଲେ । ମୋଟ ୨୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଗତ ଜୁଲାଇ ୩୦ ତାରିଖରେ ଏହି ଆସନ ପାଇଁ ମତଦାନ ହୋଇଥିବା ବେଳେ ଅଗଷ୍ଟ ୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇଛି ।

## ପାସେଞ୍ଜର ଟ୍ରେନରେ ଲାଗିଲା ନିଆଁ, ଭୟରେ ଡେଇଁଲେ ଲୋକ



ପାଟନା : ବିହାରର ସହରସାରେ ପାସେଞ୍ଜର ଟ୍ରେନରେ ଲାଗିଲା ନିଆଁ । ବିହାରର ସହରସାରେ ସିମରୀ ବଖତିୟାରପୁର ରେଲୱେ ଷ୍ଟେସନ ପ୍ଲାଟଫର୍ମ ୨ରେ ସମସ୍ତିପୁର-ସହରସା ଟ୍ରେନ ଇଂଜିନ ଏବଂ କୋଚରେ ନିଆଁ ଲାଗିଯାଇଥିଲା । ଟ୍ରେନ ସିମରି ବଖତିୟାରପୁର ରେଳ ଷ୍ଟେସନରେ ଏକ ଯାତ୍ରୀବାହୀ ଟ୍ରେନ ଛିଡ଼ା ହୋଇଥିବା ବେଳେ ହଠାତ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ପରେ ଘଟଣା ସ୍ଥଳରେ ଦମକଳ ଗାଡ଼ିର ଅନେକ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏହାପରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ କୋଚରୁ ଉଦ୍ଧାର କରାଯାଇଥିଲା । ନିଆଁ ଲାଗିବାର କାରଣ ଏଯାଏଁ ଜଣାପଡିନାହିଁ । ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ମାମଲାର ଯାଞ୍ଚ କରାଯାଉଛି । ଖବର ମୁତାବକ, ସିମରି ବଖତିୟାରପୁର ରେଳ ଷ୍ଟେସନରେ ଭୋର ୩.୩୦ରେ ଘଟଣା ଘଟିଛି । ସହରସାରୁ ସମସ୍ତିପୁର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ (ଟ୍ରେନ ନଂ ୬୩୩୪୪) ପ୍ଲାଟଫର୍ମରେ ଅଟକି ରହିଥିଲା । ଟ୍ରେନର ଇଞ୍ଜିନରୁ ଧୂଆଁ ବାହାରିବା ପରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା ଏବଂ ପରେ ନିଆଁ ବ୍ୟାପିବାକୁ ଲାଗିଲା । ଅଗ୍ନିକାଣ୍ଡ ଦେଖିବା ମାତ୍ରେ ଯାତ୍ରୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଇଞ୍ଜିନରୁ ଧୂଆଁ ବାହାରିଥିଲା। ତା'ପରେ ନିଆଁ ଚାରିଆଡ଼କୁ ବ୍ୟାପିଯାଇଥିଲା। ନିଆଁ ଧୀରେ ଧୀରେ ୩ କୋଚକୁ ବ୍ୟାପିଯାଇଥିଲା। ଟ୍ରେନ୍ ଭିତରେ ଏବଂ ବାହାରେ ଯାତ୍ରୀମାନଙ୍କ ମଧ୍ୟରେ ଦୌଡ଼ିବା ଆରମ୍ଭ କରିଥିଲେ। ଦୁର୍ଘଟଣାରେ କୌଣସି ଯାତ୍ରୀ ମୃତାହତ ହୋଇନଥିବା ଖବର ମିଳିଛି । ଯାତ୍ରୀମାନଙ୍କୁ ସମୟ ମଧ୍ୟରେ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା । ଘଟଣା ପରେ କିଛି ସମୟ ପାଇଁ ରେଳ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ରେଳ ପ୍ରଶାସନ ତଦନ୍ତ ଆରମ୍ଭ କରିଛି ।

## ବ୍ରିଜଭୂଷଣ ଶରଣ ସିଂହଙ୍କୁ ବଡ଼ ଆଶ୍ୱସ୍ତି, ନିର୍ଦ୍ଦୋଷରେ ଖଲାସ କଲେ କୋର୍ଟ



ନୂଆଦିଲ୍ଲୀ : ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ମାମଲାରେ ବ୍ରିଜଭୂଷଣ ଶରଣ ସିଂହଙ୍କୁ ବଡ଼ ଆଶ୍ୱସ୍ତି । ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତାଙ୍କ ସହ ସହ-ଅଭିଯୁକ୍ତ ବିନୋଦ ତୋମରଙ୍କୁ ମଧ୍ୟ କୋର୍ଟ ଦୋଷମୁକ୍ତ କରିଛନ୍ତି । ୨୦୨୩ ମସିହାରେ ଭିନେଶ ଫୋଗଟ, ସାକ୍ଷୀ ମଲିକ ଏବଂ ଅନ୍ୟ କେତେକ ମହିଳା କୁସ୍ତିଯୋଦ୍ଧା ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ନିର୍ଯାତନା, ମାନସିକ ନିର୍ଯାତନା ଏବଂ ଅପରାଧିକ ଧମକ ଦେବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ । ଶୁଣାଣି ସମୟରେ କୈସରଗଞ୍ଜର ପୂର୍ବତନ ସାଂସଦ ବ୍ରିଜଭୂଷଣ ଶରଣ ସିଂହ ଏବଂ ପୂର୍ବତନ କୁସ୍ତି ମହାସଂଘ ସଚିବ ବିନୋଦ ତୋମର କୋର୍ଟରେ ଉପସ୍ଥିତ ଥିଲେ । ଉଭୟ ପକ୍ଷଙ୍କ ଯୁକ୍ତି ଶେଷ ହେବା ପରେ କୋର୍ଟ ୨ ଜୁଲାଇ, ୨୦୨୬ରେ ତାଙ୍କର ରାୟ ସଂରକ୍ଷିତ ରଖିଥିଲେ । ଜାନୁଆରୀ ୨୦୨୩ରେ ମାମଲାଟି ସାମ୍ନାକୁ ଆସିଥିଲା । ବ୍ରିଜଭୂଷଣ ୨୦ ଜୁଲାଇ, ୨୦୨୩ ଠାରୁ ନିୟମିତ ଜାମିନରେ ଥିଲେ । ୧୦ ମେ ୨୦୨୪ରେ, କୋର୍ଟ ଦିଲ୍ଲୀ ପୋଲିସର ଚାର୍ଜସିଟ୍ ଆଧାରରେ ଚାର୍ଜ ଫ୍ରେମ୍ କରିଥିଲେ, ଏହା ପରେ ବିଚାର ଆରମ୍ଭ ହୋଇଥିଲା । ସେବେଠାରୁ ମୋଟ ୧୨୭ଟି ଶୁଣାଣି ହୋଇଛି । ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଅଶ୍ୱନୀ ପନୱାର ରାୟ ପ୍ରଦାନ କରିଛନ୍ତି । କୋର୍ଟଙ୍କ ରାୟ ଆସିବା ପରେ ବିଜେପି ନେତା ବ୍ରିଜଭୂଷଣ ଶରଣ ସିଂହ ନିଜର ପ୍ରତିକ୍ରିୟାରେ କହିଛନ୍ତି, ଯେଉଁଦିନ ମୋ ଉପରେ ଏହି ଅଭିଯୋଗ ଆସିଥିଲା, ସେହିଦିନ ମୁଁ କହିଥିଲି ଯେ, ଯଦି ଗୋଟିଏ ବି ଅଭିଯୋଗ ସତ ପ୍ରମାଣିତ ହୁଏ, ତେବେ ମୁଁ ଖୁସିରେ ଫାଶୀରେ ଝୁଲିପଡ଼ିବି । ଆଜି କୋର୍ଟ ମୋତେ ସମ୍ମାନର ସହ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

## ବନାଗ୍ନୀ ଲିଭାଉଥିବା ବେଳେ ଦୁଇ ହେଲିକପ୍ଟର ଧକ୍କା, ୫ ମୃତ

ଗ୍ରୀସ୍ : ଗ୍ରୀସରେ ବନାଗ୍ନୀକୁ ରୋକିବାରେ ନିୟୋଜିତ ହୋଇଥିବା ଦୁଇଟି ହେଲିକପ୍ଟର ମଧ୍ୟରେ ଭୟଙ୍କର ଦୁର୍ଘଟଣା ହୋଇଛି । ଏଥିରେ ହେଲିକପ୍ଟରରେ ଥିବା ପାଇଲଟଙ୍କ ସହ ଅନ୍ୟ କ୍ରିଉ ସଦସ୍ୟ ପ୍ରାଣ ହରାଇଛନ୍ତି । ଏନେଇ ଅଗ୍ନିଶମ ବାହିନୀର ବରିଷ୍ଠ ଅଧିକାରୀ ଭାସିଲ୍ସ ଭାଥରାକୋଜିଆନିସ୍ ସୂଚନା ଦେଇଛନ୍ତି । ରବିବାର ଅପରାହ୍ନରେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି । ଗ୍ରୀସର ଏଥେନ୍ସ ନିକଟବର୍ତ୍ତୀ ସାଥା ଅଞ୍ଚଳରେ ଏହି ଅଘଟଣ ଘଟିଛି । ଏଥିରେ ହେଲିକପ୍ଟରରେ ଥିବା ପାଇଲଟଙ୍କ ସହ ଅନ୍ୟ ସଦସ୍ୟ ପ୍ରାଣ ହରାଇଛନ୍ତି । ଦୁର୍ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଏଥିରେ ଗୋଟିଏ ହେଲିକପ୍ଟର ଅନ୍ୟ ଏକ ହେଲିକପ୍ଟରକୁ ଧକ୍କା ଦେଇ ବିସ୍ଫୋରଣ ହୋଇଥିବା ଦେଖିବାକୁ ମିଳୁଛି । ଧକ୍କା ହେବା ପରେ ସୌଭାଗ୍ୟବଶତଃ ଦ୍ୱିତୀୟ ହେଲିକପ୍ଟରର ସଦସ୍ୟ ବର୍ତ୍ତିଯାଇଛନ୍ତି । ଅଘଟଣ ପରେ ଦ୍ୱିତୀୟ ହେଲିକପ୍ଟରର କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣା ପରେ ବନାଗ୍ନୀ ରୋକିବାରେ ବ୍ୟବହାର ହେଉଥିବା ଅନ୍ୟ ସବୁ ହେଲିକପ୍ଟରକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏହାସହ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି । ଦ୍ୱିତୀୟ ହେଲିକପ୍ଟରରେ ଥିବା ସମସ୍ତଙ୍କୁ ଉଦ୍ଧାର କରାଯାଇ ହସପିଟାଲରେ ଭର୍ତ୍ତି କରାଯାଇଛି । ଯେଉଁ ହେଲିକପ୍ଟର ପାଣି ଢାଳିବା ଏବଂ ନିଆଁକୁ ଆୟତ୍ତ କରିବା ପାଇଁ ଉଡ଼ାଣ ଭରିଥିଲା, ସେତେବେଳେ ଦୁର୍ଘଟଣା ହୋଇଥିଲା । ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟସୋଟାକିସ୍ କହିଛନ୍ତି ଯେ, ପ୍ରାଣ ହରାଇଥିବା ପ୍ରଥମ ହେଲିକପ୍ଟରର କର୍ମଚାରୀ ଦ୍ୱୟ ଡେନମାର୍କ ଏବଂ ଗ୍ରୀକର ବାସିନ୍ଦା ବୋଲି ଜଣାପଡିଛି ।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ, ୧୪ ମୃତ

ନୂଆଦିଲ୍ଲୀ: ପାକିସ୍ତାନରେ ପୁଣି ଆତଙ୍କର ରକ୍ତାକ୍ତ ଛାୟା । ଆତ୍ମଘାତୀ ଆକ୍ରମଣରେ ୧୪ ମୃତ । ଖାଇବର ପଖତୁନଖ୍ୱା ପ୍ରଦେଶର ସ୍ୱାଟ ଜିଲ୍ଲାର କାବାଲ ସହରରେ ଗତକାଲି ସନ୍ଧ୍ୟାରେ ଶାନ୍ତି ପାଇଁ ଆୟୋଜିତ ବିଶାଳ ଜନସମାବେଶ ଆତ୍ମଘାତୀ ବିସ୍ଫୋରଣ ହୋଇଛି । ଭୟଙ୍କର ଆକ୍ରମଣରେ ଅତି କମରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। 'ସ୍ୱାଟ ପିସ୍ ରାଲି' କିମ୍ବା 'ଆମନ ପାସୁନ୍' ନାମରେ ଆୟୋଜିତ ସମାବେଶରେ ସ୍ଥାନୀୟ ବାସିନ୍ଦା ଓ ନାଗରିକ ସଂଗଠନମାନେ ବଢୁଥିବା ଆତଙ୍କବାଦୀ ହିଂସା ବିରୋଧରେ ପ୍ରତିବାଦ କରିବା ସହ ସ୍ଥାୟୀ ଶାନ୍ତିର ଦାବି ଉଠାଇଥିଲେ। କାବାଲ ଥାନା ବାହାରେ ପ୍ରଦର୍ଶନକାରୀ ଆତଙ୍କବାଦ ବିରୋଧୀ ସ୍ଲୋଗାନ ଦେଉଥିବା ସମୟରେ ବିସ୍ଫୋରଣ ଘଟିଥିଲା। ପୁଲିସ ସୂଚନା ଅନୁସାରେ, ବିସ୍ଫୋରକ ଜ୍ୟାକେଟ୍ ପିନ୍ଧିଥିବା ଜଣେ ଆକ୍ରମଣକାରୀ ଥାନା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ପରେ ସେ ମୁଖ୍ୟ ଫାଟକ ନିକଟରେ ନିଜକୁ ବିସ୍ଫୋରଣ କରାଇଥିଲେ। ଏଥିରେ ଥାନାରେ ନିୟୋଜିତ ପୁଲିସ କର୍ମଚାରୀଙ୍କ ସହ ଶାନ୍ତି ସମାବେଶରେ ଯୋଗ ଦେଇଥିବା ସାଧାରଣ ଲୋକମାନେ ମଧ୍ୟ ପ୍ରାଣ ହରାଇଛନ୍ତି। ଘଟଣା ପରେ ସୁରକ୍ଷା ବାହିନୀ ଅଞ୍ଚଳକୁ ସିଲ୍ କରି ତଦନ୍ତ ଆରମ୍ଭ କରିଥିବାବେଳେ ଆହତଙ୍କୁ ସଇଦୁ ଶରିଫ ସମେତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏପର୍ଯ୍ୟନ୍ତ କୌଣସି ସଙ୍ଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ। ନିକଟରେ ଖାଇବରପଖତୁନଖ୍ୱାରେ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ସହ ଜଡ଼ିତ ଆତଙ୍କବାଦୀ ହିଂସା ପୁଣି ବଢ଼ିଥିବାରୁ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ପାକ ରାଷ୍ଟ୍ରପତି ଆସିଫ ଅଲି ଜର୍ଦାରି, ପ୍ରଧାନମନ୍ତ୍ରୀ ଶାହବାଜ ଶରିଫ ଓ ଗୃହମନ୍ତ୍ରୀ ମୋହସିନ ନକଭି ଆକ୍ରମଣକୁ ନିନ୍ଦା କରିଛନ୍ତି ।

## ମଝି ସମୁଦ୍ରରେ ଜଳିଗଲା ଯାତ୍ରୀବାହୀ ଫେରୀ, ୫ ମୃତ, ୪୧ ନିଖୋଜ

ନୂଆଦିଲ୍ଲୀ : ମଝି ସମୁଦ୍ରରେ ଜଳିଗଲା ଯାତ୍ରୀବାହୀ ଫେରୀ, ୫ ମୃତ, ୪୧ ନିଖୋଜ । ଇଣ୍ଡୋନେସିଆ ମାଦୁରା ଦ୍ୱୀପ ନିକଟରେ ଘଟିଛି ଏ ବଡ଼ ଧରଣର ଅଘଟଣ । ଫେରୀରେ ନିଆଁ ଲାଗିଯିବାରୁ ୫ ଜଣଙ୍କର ମୃତ୍ୟୁ ହୋଇଛି । ୪୧ ଜଣ ନିଖୋଜ ଥିବାରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ସୂଚନା ଅନୁଯାୟୀ, ଏହି ଫେରୀରେ ୨୭୧ ଜଣ ଯାତ୍ରୀଙ୍କ ସହ କ୍ରୁ ମେମ୍ବର ଥିଲେ । ଇଷ୍ଟ ଜାଭାର ସୁରବାୟାଠାରୁ ଫେରୀଟି ଯାତ୍ରା ଆରମ୍ଭ କରି ଦକ୍ଷିଣ ସୁଲାୱେସିର ମକସରକୁ ଯାତ୍ରା କରୁଥିଲା ।

ଫେରୀରେ ନିଆଁ ଲାଗିଯିବା ପରେ ପ୍ରାୟ ୨୨୫ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଜାହାଜର କ୍ୟାପଟେନ ନିଆଁ ଲାଗିବା ସୂଚନା ଦେବା ମାତ୍ରେ ଏକ ବଡ଼ ଧରଣର ମିଳିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଫେରୀରୁ କଳାଧୂଆଁ ବାହାରିବାରୁ ଅନେକ ଅଣନିଶ୍ୱାସ ହୋଇପଡିଥିଲେ । ଫେରୀରେ ନିଆଁ ଲାଗିବା ପରେ ଅନେକ ଡଙ୍ଗାରୁ ଡେଇଁ ପଡିଥିଲେ । ନିକଟରେ ଥିବା ଅନ୍ୟ ଜାହାଜ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିଥିଲେ ।



## ହର୍ମୁଜ୍ ପ୍ରସଙ୍ଗରେ ଶାନ୍ତି ଚୁକ୍ତି ହେବ ବୋଲି କହିଲେ ଟ୍ରମ୍ପ: ତେଲ ଟ୍ୟାଙ୍କର୍ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ଇରାନ



ତେହେରାନ/ୱାସିଂଟନ: ଗୋଟିଏ ପଟେ, ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ବିଶ୍ୱକୁ ଆଶ୍ୱାସନା ଦେଉଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଉପରେ ଏକ ଚୁକ୍ତି ନିକଟତର ଏବଂ ସୋମବାର ଦିନ ଇରାନ ସହିତ ନୂତନ ଆଲୋଚନା ଆରମ୍ଭ ହେବ। ଏହି ସମୟରେ ହର୍ମୁଜ୍ ?ରେଏକ ତୈଳ ଟ୍ୟାଙ୍କର୍ ନିକଟରେ ବିସ୍ଫୋରଣ ଖବର ପୁଣି ଥରେ ପଶ୍ଚିମ ଏସିଆରେ ଉତ୍ତେଜନା ସୃଷ୍ଟି କରିଛି। ରବିବାର ଏୟାର ଫୋର୍ସ ୱାନ୍‌ରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଥିଲେ ଯେ, ଇରାନ ଉପରେ କରାଯିବାକୁଥିବା ସାମରିକ ଆକ୍ରମଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ବଡ଼ ହୋଇଥାନ୍ତା।

ଯୁଦ୍ଧ ବଦଳରେ ମୁଁ ଆଲୋଚନାର ପଥ ବାଛିଛି,କାରଣ ଏହା ହଜାର ହଜାର ଜୀବନ ରକ୍ଷା କରିପାରିବ। ଟ୍ରମ୍ପ ଏହା ମଧ୍ୟ କହିଥିଲେ ଯେ, ଇରାନ ଏବଂ ଅନେକ ପଶ୍ଚିମ ଏସୀୟ ଦେଶ ଆକ୍ରମଣକୁ ଏଡାଇବା ପାଇଁ ଆମେରିକାକୁ ନିବେଦନ କରିଛନ୍ତି। ତାଙ୍କ ଅନୁସାରେ, ଏକ ସମ୍ଭାବ୍ୟ ଚୁକ୍ତିରେ ହର୍ମୁଜ୍ ପ୍ରଣାଳୀର ସମ୍ପୂର୍ଣ୍ଣ ଖୋଲିବା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମର ସମାଧାନ ଅନ୍ତର୍ଭୁକ୍ତ ରହିଛି। ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟର କିଛି ସମୟ ପରେ, ଓମାନ ଉପକୂଳରୁ ପ୍ରାୟ ୨୦ ନଟିକାଲ ମାଇଲ ଦୂରରେ ହର୍ମୁଜ୍ ପ୍ରଣାଳୀର ପ୍ରବେଶ ପଥ ନିକଟରେ ଏକ ତେଲ ଟ୍ୟାଙ୍କର୍ ନିକଟରେ ଏକ ବିସ୍ଫୋରଣ ଘଟିଥିଲା। ବ୍ରିଟେନର ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମଟିଓ) ଏହି ଘଟଣାର ସତ୍ୟାସତ୍ୟ ପ୍ରକାଶ କରି କହିଛି ଯେ, ଜାହାଜ ଏବଂ କର୍ମଚାରୀ ସୁରକ୍ଷିତ ଅଛନ୍ତି। କିନ୍ତୁ ତଦନ୍ତ ଆରମ୍ଭ କରାଯାଇଛି । ନିକଟବର୍ତ୍ତୀ ସମସ୍ତ ଜାହାଜକୁ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରାରମ୍ଭିକ ରିପୋର୍ଟରେ ଦାବି କରାଯାଇଛି ଯେ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ସିରିକ୍ ଅଞ୍ଚଳରୁ ଏକ ଜାହାଜ ପ୍ରତିରୋଧୀ କ୍ରୁଜ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ଯଦିଓ ଏହି ଦାବି ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ।

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀର ପରିଚାଳନା ସମ୍ପର୍କରେ ଓମାନ ସହିତ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହା ମଧ୍ୟ ସୂଚିତ କରିଛି, ଦୁଇ ଦେଶ ଏକ ନୂତନ ଜାହାଜ ମାର୍ଗ ଉପରେ ଏକ ଚୁକ୍ତିନାମାରେ ପହଞ୍ଚିବାର ନିକଟତର। ତେବେ ଇରାନ ସ୍ପଷ୍ଟ କରିଛି, ଏକ ନୂତନ ସମୁଦ୍ର ମାର୍ଗ ଉପରେ ଚୁକ୍ତିନାମାର ଅର୍ଥ ନୁହେଁ ଯେ, ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ଖୋଲିଯିବ । ହର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ଏବଂ ଗ୍ୟାସ୍ ପରିବହନ ମାର୍ଗ ମଧ୍ୟରୁ ଗୋଟିଏ। ବିଶ୍ୱ ଅଶୋଧିତ ତୈଳ ଏବଂ ଏଲଏନଜିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହା ଦେଇ ପରିବହନ ହୁଏ। ତେଣୁ, ସେଠାରେ ଯେକୌଣସି ସାମରିକ ଘଟଣା ଦ୍ୱାରା ସିଧାସଳଖ ଅନ୍ତର୍ଜାତୀୟ ତୈଳ ମୂଲ୍ୟ ଏବଂ ବିଶ୍ୱ ବାଣିଜ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଟ୍ରମ୍ପ କୂଟନୀତି ମାଧ୍ୟମରେ ଏକ ସଙ୍କଟକୁ ଏଡାଇବା ବିଷୟରେ କହୁଥିବା ବେଳେ, ହର୍ମୁଜ୍‌ରେ ସାମ୍ପ୍ରତିକ ସୁରକ୍ଷା ଘଟଣା ସୂଚାଇ ଦେଉଛି ଯେ, ପରିସ୍ଥିତି ସଙ୍କଟଜନକ ରହିଛି, ଏବଂ ଏକ ଛୋଟ ପଦକ୍ଷେପ ମଧ୍ୟ ସମଗ୍ର ଅଞ୍ଚଳକୁ ଏକ ବଡ଼ ସଂଘର୍ଷକୁ ଠେଲି ଦେଇପାରେ।

# ଜାତୀୟ ସ୍ତରରେ ଚମକିଲେ ଓଡ଼ିଶା ପୋଲିସର ୧୨ କ୍ରୀଡ଼ାବିତ, ସମ୍ବର୍ଦ୍ଧିତ କଲେ ଡିଜିପି

ଭୁବନେଶ୍ୱର: ଜାତୀୟ ସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୋଲିସର କ୍ରୀଡାବିତମାନଙ୍କ ଚମକ ପୁଣିଥରେ ଦେଖିବାକୁ ମିଳିଛି । ସର୍ବ ଭାରତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ୧୨ ଜଣ କ୍ରୀଡାବିତ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡିଶା ପୋଲିସ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ଅବସରରେ ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ଜୁଲାଇ ୨୩ ରୁ ୩୦ ପର୍ଯ୍ୟନ୍ତ ହାଇଦ୍ରାବାଦସ୍ଥିତ ଗଛିବୋଉଲି ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର (୨୦୨୬-୨୭) ଏବଂ ଜୁଲାଇ ୦୮ ରୁ ୧୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ୫ମ ସିନିୟର ନ୍ୟାସନାଲ ଇଣ୍ଡିଆ ତାଇକୋଣ୍ଡୋ ପୁମସେ ଚାମ୍ପିୟନସିପ୍-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ଉଷୁ, ତାଇକୋଣ୍ଡୋ, କରାଟେ ଏବଂ ପେନକାକ ସିଲଟ ଦଳ ଭାଗ ନେଇ କ୍ରୀଡାବିତମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପଦକ ହାସଲ କରିଛନ୍ତି । କ୍ରୀଡାବିତମାନଙ୍କ ଏହି ସଫଳତା ପାଇଁ ଡିଜିପି ସମସ୍ତ



ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠାର ଭୂୟସୀ ପ୍ରଶଂସା କରିଛନ୍ତି । କ୍ରୀଡ଼ାବିତଙ୍କ ଏହି ସଫଳତା ଓଡ଼ିଶା ପୋଲିସ ବାହିନୀ ସହ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି ।

ଆଗାମୀ ଦିନରେ ମଧ୍ୟ କ୍ରୀଡାବିତମାନେ ଓଡିଶା ପୋଲିସର ସୁନାମ ବୃଦ୍ଧି କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ରୌପ୍ୟ ପଦକ ବିଜେତାଙ୍କୁ ୪ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୩ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଡିଜିପି ପ୍ରଦାନ କରିଥିଲେ ।

୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ତାଇକୋଣ୍ଡୋରେ ସାଶ୍ୱତୀ ନାୟକ ରୌପ୍ୟ ଓ ସତ୍ୟପ୍ରକାଶ ମହାନ୍ତି କାଂସ୍ୟ ପଦକ ଜିତିଛନ୍ତି । ସେହିପରି ୫ମ ସିନିୟର ନ୍ୟାସନାଲ ତାଇକୋଣ୍ଡୋରେ ସାଶ୍ୱତୀ ନାୟକ ଓ ସତ୍ୟପ୍ରକାଶ ମହାନ୍ତି ଉଭୟ ବ୍ୟକ୍ତିଗତ ଭାବେ କାଂସ୍ୟ ପଦକ ଜିତିଛନ୍ତି ।

ସେହିପରି ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର କରାଟେରେ ବ୍ରତତୀ ବିଶ୍ୱପ୍ରଭା ପତି, ରଜନୀ ବିଶି, ଡି. ଭଗବାନ ରେଡ୍ଡୀ ଓ ରୀତେଶ ରାୟ ବ୍ୟକ୍ତିଗତ ରୌପ୍ୟ ପଦକ ଆଣିଛନ୍ତି । ସେହିପରି ଏଏସଆଇ(ଇ) ଯୋଗେଶ ବରିହା ଓ ବ୍ରତୀ ବିଶ୍ୱପ୍ରଭା ପତି ବ୍ୟକ୍ତିଗତ ଭାବେ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ଦଳଗତରେ ମହିଳା ଟିମ୍ କୁମତି ଓ ମହିଳା ଟିମ୍ କାଟା କାଂସ୍ୟ ପଦକ ଜିତିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଆଇନ ଓ ଶୃଙ୍ଖଳା ଏଡିଜିପି ସଞ୍ଜୟ କୁମାର ଓ ପୋଲିସ କମିଶନର ଡଃ ଦେବଦତ୍ତ ସିଂ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଏସିଆ କପ୍ ପ୍ରସ୍ତୁତି: ଭାରତରେ ୮ ମ୍ୟାଚ୍ ଖେଳିବ ମାଲେସିଆ କନିଷ୍ଠ ଦଳ

ନୂଆଦିଲ୍ଲୀ:ଏସିଆ କପ୍ ହକି ପ୍ରସ୍ତୁତ ଲାଗି ଭାରତ ହକି ଶୃଙ୍ଖଳାର ଆୟୋଜନ କରୁଛି । ଚଳିତ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ସାଇ ନେତାଜୀ ସୁଭାଷ ଦକ୍ଷିଣ କେନ୍ଦ୍ରଠାରେ ଆୟୋଜିତ ୮ ମ୍ୟାଚ୍ ବିଶିଷ୍ଟ ଏକ୍ସପୋଜର ଶୃଙ୍ଖଳାରେ ମାଲେସିଆର ୨୧ ବର୍ଷର କମ୍ ହକି ଦଳ ଅଂଶଗ୍ରହଣ କରିବ । ଏହି ଦଳ ଭାରତ କନିଷ୍ଠ ଦଳ ବିପକ୍ଷରେ ୫ ମ୍ୟାଚ୍ ଖେଳିବା ପରେ ସାଇ ଦଳ ସହ ୩ଟି ମ୍ୟାଚ୍ ଖେଳବ ।

ଏହି ଶୃଙ୍ଖଳା ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଉଭୟ ଦଳର ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ । ଭାରତୀୟ କନିଷ୍ଠ ପୁରୁଷ ହକି ଦଳ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜ୍ କହିଛନ୍ତି, ''ଏହି ଶୃଙ୍ଖଳା ଏସିଆ କପ୍ ପ୍ରସ୍ତୁତିର ଏକ ଅଂଶ । ପ୍ରଥମେ ଆମେ ବେଲ୍‌ଜିୟମ ଗସ୍ତରୁ ଏହି ଅଭିଯାନ ଆରମ୍ଭ କରିଥିଲୁ । ଏସିଆ କପ୍ ପର୍ଯ୍ୟାନ୍ତ ଏହା ମଧ୍ୟ ନିରନ୍ତର ଭାବେ ଚାଲୁ ରହିବ । ଭାରତୀୟ ଦଳ ଅଗଷ୍ଟ ୭, ୮, ୧୦, ୧୨ ଓ ୧୩ରେ ମାଲେସିଆ ବିପକ୍ଷରେ ଖେଳିବ । ଏହା ପୂର୍ବରୁ ଭ୍ରମଣକାରୀ ଦଳ ୩, ୫ ତାରିଖରେ ଏବଂ ଶୃଙ୍ଖଳା ପରେ ୧୫ରେ ସାଇ ଦଳ ସହ ଖେଳି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ ।

## ସାଇ ସୁଦର୍ଶନଙ୍କ ଫିଟ୍‌ନେସ ସମସ୍ୟା

ନୂଆଦିଲ୍ଲୀ,୩।୮ (ଏଜେନ୍ସି: ଆଗାମୀ ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ କ୍ରିକେଟ୍ ଦଳର ମୁସ୍କିଲ୍ କମିବାର ନାଁ ନେଉନାହିଁ । ଟିମ୍ ଇଣ୍ଡିଆର ଜଣେ ପ୍ରମୁଖ ଯୁବ ବ୍ୟାଟର ଏବେସୁଦ୍ଧା ସମ୍ପୂର୍ଣ୍ଣ ଫିଟ୍ ହୋଇପାରି ନାହାଁନ୍ତି, ଯହାକି ଚୟନକର୍ତ୍ତା ଏବଂ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇ ଦେଇଛି ।

ସୂଚନା ଅନୁଯାୟୀ, ଶ୍ରୀଲଙ୍କା ବିପକ୍ଷ ଆଗାମୀ ସିରିଜ୍ ପାଇଁ ଦଳ ଘୋଷଣା ହୋଇଥିଲେ ହେଁ, ଯୁବ ବ୍ୟାଟର ସାଇ ସୁଦର୍ଶନଙ୍କ



ଫିଟନେସକୁ ନେଇ ଏବେ ବି ସନ୍ଦେହ ଜାରି ରହିଛି । ସେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇ ନଥିବାରୁ ତାଙ୍କୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଛି ।

ଭାରତୀୟ ଦଳକୁ ଶ୍ରୀଲଙ୍କା ମାଟିରେ କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ । ଏଭଳି ସ୍ଥିତିରେ ଦଳର ପ୍ରମୁଖ ଖେଳାଳିମାନେ ସମ୍ପୂର୍ଣ୍ଣ ଫିଟ୍ ରହିବା ଅତ୍ୟନ୍ତ ଜରୁରୀ । କିନ୍ତୁ ସାଇ ସୁଦର୍ଶନଙ୍କ ଫିଟନେସ୍ ଟେଷ୍ଟ ଏବଂ ରିକଭରି ପ୍ରକ୍ରିୟା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଯଦି ସେ ସମୟ ମଧ୍ୟରେ ଫିଟ୍ ହୋଇ ନାହାଁନ୍ତି, ତେବେ ଟିମ୍ ରଣନୀତିରେ ବଡ଼ଧରଣର ପରିବର୍ତ୍ତନ ଦେଖିବାକୁ ମିଳିପାରେ । ଏହା ପୂର୍ବରୁ ଦଳର ତାରକା ବୋଲର ଯଶପ୍ରୀତ ବୁମରା ଆହତ କାରନରୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରୁ ବାଦ୍ ପଡି ସାରିଛନ୍ତି । ଆଉ ତାଙ୍କର ବଦଳ ଖେଳାଳି ଭାବେ ଘରୋଇ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରି ଆସୁଥିବା ଆକିବ ନବିଙ୍କୁ ଦଳରେ ସ୍ଥାନ ମିଳିଛି । ଏବେ ସାଇ ସୁଦର୍ଶନ ସଂପୂର୍ଣ୍ଣ ଫିଟ୍ ନ ହେବା ଦଳର ଚିନ୍ତାକୁ ଆହୁରି ବଢାଇ ଦେଇଛି ।

### ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ମାମଲା

# ବ୍ରଜଭୂଷଣ ଦୋଷମୁକ୍ତ, ବିନେଶ ଅସନ୍ତୁଷ୍ଟ

ନୂଆଦିଲ୍ଲୀ,୩।୮: ନୂଆଦିଲ୍ଲୀ: ଦେଶବ୍ୟାପୀ ଚର୍ଚ୍ଚାରେ ରହିଥିବା ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ମାମଲାରେ ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପିର ପୂର୍ବତନ ସାଂସଦ ବ୍ରଜଭୂଷଣ ଶରଣ ସିଂହଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଦିଲ୍ଲୀର ଏକ କୋର୍ଟ ଏହି ମାମଲାରେ ବ୍ରଜଭୂଷଣଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିଛନ୍ତି । ରୌଜ ଆଭେନ୍ୟୁ କୋର୍ଟର ଅତିରିକ୍ତ ମୁଖ୍ୟ ମଜିଷ୍ଟ୍ରେଟ୍ ଅଶ୍ୱିନୀ ପାୱାର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । କୋର୍ଟ ଏହି ମାମଲାରେ ସହ-ଅଭିଯୁକ୍ତ ତଥା କୁସ୍ତି ମହାସଂଘର ପୂର୍ବତନ ସହକାରୀ ସଚିବ ବିନୋଦ ତୋମାରଙ୍କୁ ମଧ୍ୟ ଦୋଷମୁକ୍ତ କରିଛନ୍ତି ।

ବ୍ରଜଭୂଷଣ ଶରଣ ସିଂହଙ୍କ ବିରୋଧରେ ଦେଶର କିଛି ଶ୍ରେଷ୍ଠ ମହିଳା କୁସ୍ତିଯୋଦ୍ଧାମାନେ ଯୌନ ଉତ୍ପୀଡ଼ନ ଏବଂ ଅସଦାଚରଣ ଭଳି ସାଙ୍ଘାତିକ ଅଭିଯୋଗ ଆଣିଥିଲେ । ଏହି ଅଭିଯୋଗକୁ ନେଇ ଦିଲ୍ଲୀର ଜନ୍ତରମନ୍ତରରେ ମହିଳା ରେସଲରମାନେ ଦୀର୍ଘଦିନ ଧରି ପ୍ରଦର୍ଶନ କରିଥିଲେ, ଯାହା ଦେଶବ୍ୟାପୀ ବଡ଼ଧରଣର ଆନ୍ଦୋଳନର ରୂପ ନେଇଥିଲା ।

କ୍ରୀଡ଼ାବିତ୍ରମାନଙ୍କ ଅଭିଯୋଗକୁ ଆଧାର କରି ଦିଲ୍ଲୀ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା । ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ଯଥା- ୩୫୪ (ମହିଳାଙ୍କୁ ଅସମ୍ମାନ କରିବା ଉଦ୍ଦେଶ୍ୟରେ ବଳ ପ୍ରୟୋଗ), ୩୫୪ଇ (ଯୌନ ଉତ୍ପୀଡ଼ନ), ୩୫୪ଡ (ପିଛା କରିବା) ଏବଂ ୫୦୬ (ଅପରାଧିକ ଧମକ) ଅନୁଯାୟୀ ମାମଲା ଚାଲିଥିଲା । ମେ' ୨୦୨୪ରେ କୋର୍ଟ ଏହି ମାମଲାରେ ଫର୍ଦ୍ଦ ଦାଖଲ କରିଥିଲେ ।



କୋର୍ଟଙ୍କ ଏହି ରାୟ ପରେ ପ୍ରତିକ୍ରିୟା ରଖି ବ୍ରଜଭୂଷଣ ଶରଣ ସିଂହ କହିଛନ୍ତି ଯେ, 'ପ୍ରଥମ ଦିନରୁ ମୁଁ କହିଆସୁଥିଲି ଯେ ଯଦି ମୋ ବିରୋଧରେ ଗୋଟିଏ ବି ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ ଯେକୌଣସି ଦଣ୍ଡ ଭୋଗିବାକୁ ପ୍ରସ୍ତୁତ । ଆଜି କୋର୍ଟ ଆମକୁ ସମ୍ମାନଜନକ ଭାବେ ଦୋଷମୁକ୍ତ କରିଛନ୍ତି । ସତ୍ୟର ସର୍ବଦା ଜିବତ ହୁଏ ବୋଲି ଆଜି ପୁଣିଥରେ ପ୍ରମାଣିତ ହେଲା

ଯୌନ ଉତ୍ପୀଡ଼ନ ମାମଲାରେ ବ୍ରଜଭୂଷଣ ଶରଣ ସିଂହ ଦୋଷମୁକ୍ତ ହେବା ପରେ କୁସ୍ତିଯୋଦ୍ଧା ବିନେଶ ଫୋଗାଟ୍ ପ୍ରତିକ୍ରିୟା ରଖିଛନ୍ତି । ସେ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟଙ୍କ ରାୟକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ଏହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଘୋଷଣା କରିଛନ୍ତି ।

ବିନେଶ ଟ୍ୱିଟ୍ କରି ନିଜର ଲଢେଇ ଜାରି ରଖିବେ ବୋଲି ଲେଖିଛନ୍ତି । ସେ କହିଛନ୍ତି ଯେ ଆମକୁ ରାସ୍ତାକୁ ଓହ୍ଲାଇବାକୁ ଏବଂ ଜଣେ ଶାସକ ଦଳର ବାହୁବଳୀ ନେତାଙ୍କ ବିରୁଦ୍ଧରେ ଏତଲା ଦେବାକୁ ବହୁତ ସାହସ କରିବାକୁ ପଡ଼ିଥିଲା । ନିଜ ବାହୁବଳରେ ବୃଜଭୂଷଣ ଅନେକ ଝିଅଙ୍କୁ ଡରାଇ ଧମକାଇ ମାମଲା ପ୍ରତ୍ୟାହୃତ କରିବାକୁ ବାଧ୍ୟ କରିଥିଲେ । କିନ୍ତୁ ଏନେକ କୁସ୍ତିଯୋଦ୍ଧା ମହିଳା ନିଜରେ ଜିଦରେ ଅଟଳ ରହିଲେ ।

କିନ୍ତୁ କୋର୍ଟଙ୍କ ରାୟ ତାଙ୍କୁ ନିରାଶ କରିଛି । ବିନେଶ ସରକାରଙ୍କୁ ଟାର୍ଗେଟ୍ କରିଛି । ବ୍ରଜଭୂଷଣଙ୍କୁ ବଞ୍ଚାଇବାକୁ ସମସ୍ତ ପ୍ରକାର ଚେଷ୍ଟା କରାଯାଇଛି । କିନ୍ତୁ ମହିଳା କୁସ୍ତିଯୋଦ୍ଧାମାନେ ଏହି ରାୟ ବିରୁଦ୍ଧରେ ଉପରସ୍ଥ କୋର୍ଟରେ ଖୁବଶୀଘ୍ର ଆବେଦନ କରିବେ ବୋଲି ସେ କହିଛନ୍ତି ।

ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ମାମଲାରେ ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପିର ପୂର୍ବତନ ସାଂସଦ ବ୍ରଜଭୂଷଣ ଶରଣ ସିଂହଙ୍କୁ ଦିଲ୍ଲୀ ରାଉଜ ଆଭେନ୍ୟୁ କୋର୍ଟ ଦୋଷମୁକ୍ତ କରିଛନ୍ତି । ସହ-ଅଭିଯୁକ୍ତ ତଥା କୁସ୍ତି ମହାସଂଘର ପୂର୍ବତନ ସହକାରୀ ସଚିବ ବିନୋଦ ତୋମାରଙ୍କୁ ମଧ୍ୟ ଦୋଷମୁକ୍ତ କରିଛନ୍ତି । ପ୍ରାୟ ଦୁଇ ବର୍ଷ ପାଖାପାଖି ଏହି ମାମଲା ଚାଲିଥିଲା ।

## ବୁମରାଙ୍କ ସ୍ଥାନରେ ଆକିବ

ନୂଆଦିଲ୍ଲୀ: ଶ୍ରୀଲଙ୍କା ଗସ୍ତ ପୂର୍ବରୁ ଭାରତୀୟ ଦଳକୁ କିଛି ଖରାପ ଖବର ମିଳିଛି । ଦଳର ମୁଖ୍ୟ ଦ୍ରୁତ ବୋଲର ଜସପ୍ରିତ ବୁମରା ଗସ୍ତରୁ ବାଦ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ଜମ୍ମୁ କଶ୍ମୀରର ଆକିବ ନବିଙ୍କୁ ଚୟନ କରାଯାଇଛି । ବିସିସିଆଇ ସୋମବାର ଏକ ବିବୃତ୍ତି ଜାରି କରି ଏହା ଘୋଷଣା କରିଛି । ନବିଙ୍କ ନାମ ଘୋଷଣା କରି ବିସିସିଆଇ ଲେଖିଛନ୍ତି, ପୁରୁଷ ଚୟନ କମିଟି ବୁମରାହଙ୍କ ବଦଳ ଭାବରେ ଆକିବ ନବିଙ୍କୁ ଚୟନ କରିଛି । ଏହା ପ୍ରଥମ ଥର ପାଇଁ ଜମ୍ମୁ ଏବଂ କାଶ୍ମୀର ବୋଲରଙ୍କୁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଛି । ଭାରତ ଶ୍ରୀଲଙ୍କା ଗସ୍ତରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ । ପ୍ରଥମ ମ୍ୟାଚ୍ ୧୫ରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ଗାଲେରେ ଖେଳାଯିବ । ଦ୍ୱିତୀୟ ଟେଷ୍ଟ ୨୩ରୁ ୨୭ ଅଗଷ୍ଟ ପର୍ଯ୍ୟନ୍ତ କଲମ୍ବୋରେ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଟିମ୍ ଇଣ୍ଡିଆ ୭ରୁ ୯ ଅଗଷ୍ଟ ପର୍ଯ୍ୟନ୍ତ ତିନି ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବ । ଟିମ୍ ଇଣ୍ଡିଆ ୪ ତାରିଖରେ ଶ୍ରୀଲଙ୍କା ଅଭିମୁଖେ ଯାତ୍ରା କରିବ ।ନବି ଜମ୍ମୁ କଶ୍ମୀରର ୨୦୨୫-୨୬ ରଣଜୀ ଟ୍ରଫି ଟାଇଟଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ସେହି ସିଜନରେ ମୋଟ ୬୦ ୱିକେଟ୍ ନେଇଥିଲେ । ସେ ସମ୍ପ୍ରତି ଶ୍ରୀଲଙ୍କା ଗସ୍ତ କରିଥିବା ଭାରତ ଏ ଦଳର ମଧ୍ୟ ଅଂଶ ଥିଲେ । ଦୀର୍ଘ ସମୟ ଧରି ତାଙ୍କର ଚୟନ ନ ହେବା ନେଇ ପ୍ରଶ୍ନ ଉଠିଥିଲା ।

## ଓଡିଶାକୁ ୫୧ ସ୍ୱର୍ଣ୍ଣ ସହ ୬୬ ପଦକ

ଭୁବନେଶ୍ୱର: କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା "ଇଣ୍ଡିଆନ୍ ଚ୍ୟାଲେଞ୍ଜର୍ କପ୍"ରେ ଓଡିଶା କରାଟେକା ୫୧ ସ୍ୱର୍ଣ୍ଣ, ୧୧ ରେପ୍ୟ ଓ ୪ କାଂସ୍ୟ ପଦକ ସହ ମୋଟ ୬୬ ପଦକ ଜିତିଛନ୍ତି । ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡିଶା କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ପଦକ ବିଜୟୀ-ସ୍ୱର୍ଣ୍ଣ- ଉର୍ଜା ସାମନ୍ତ, ରିସାନ ଦାସ, ଜିତିକା ସାମନ୍ତ, ଜିତିଶା ସାମନ୍ତ, ଆଦ୍ଭିକ୍ ନାୟକ, ପ୍ରତୀକ୍ଷା ପଣ୍ଡା, ସୁର୍ଯ୍ୟାଂଶ ପଣ୍ଡା, ଈଶାନୀ ପଣ୍ଡା (ପ୍ରତ୍ୟେକ ୨ଟି ଲେଖାଏଁ), ନ୍ୟାସା କୁମାରୀ, ଦିବ୍ୟପ୍ରସାଦ ନାୟକ, ରୋଶନ ସାଇ ପାଲ୍, ଓମ୍ ସତ୍ୟମ ମହାନ୍ତି, ଆଦ୍ୟାଶା ଷଡଙ୍ଗୀ, ସ୍ନିଗ୍ଧା ସୁବୁଦ୍ଧି, ତୁଷାର ବିଶ୍ୱାଳ, ରାଜୀବ ଭୋଇ, ପଲକ ପାରହି, ଦେବାଶ୍ରିତା ମହାନ୍ତି,ସୁମନା ଦାସ, ସୁଜ୍ଞାନୀ ସାବତ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶଶାଙ୍କ ମହାରଣା, ବିଦ୍ୟାଂଶୁ ସାହୁ, ଦିଶାନ୍ତିକା ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ରେୟାଂଶୁ ପଣ୍ଡା, ଦିବିତ ସ୍ୱାଇଁ, ଲେଲେଶ ବିଶ୍ୱାଳ, ମୋକ୍ଷିତା ପଣ୍ଡା, ସୂର୍ଯ୍ୟ ନାରାୟଣ ମାର୍ଥା ।

# ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତକୁ ୩୯ ମେଡାଲ୍

ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଅନେକ ସ୍ମରଣୀୟ ମୁହୂର୍ତ୍ତ ଏବଂ ଐତିହାସିକ ସଫଳତା ସହ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା (ଉଡଏ) ୨୦୨୬ କୁ ବିଦାୟ ଦେଇଛି । ଚଳିତ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ମୋଟ ୩୯ଟି ମେଡାଲ୍ ନିଜ ନାମରେ କରିଛନ୍ତି । ଏଥିରେ ୧୩ଟି ସ୍ୱର୍ଣ୍ଣ, ୧୭ଟି ଏବଂ ୯ଟି କାଂସ୍ୟ ମେଡାଲ୍ ସାମିଲ ରହିଛି । ବିଶେଷକରି ଭାରତୀୟ ବକ୍ସରମାନେ ଇତିହାସ ରଚି ୭ଟି ସ୍ୱର୍ଣ୍ଣ ସମେତ ମୋଟ ୧୦ଟି ପଦକ ହାସଲ କରିଛନ୍ତି ।

୨୦୨୨ ମ୍ୟାଞ୍ଚେଷ୍ଟର ଗେମ୍ସ ପରଠାରୁ ଭାରତ କ୍ରମାଗତ ଭାବେ ୫୦ ବା ତା'ଠାରୁ ଅଧିକ ମେଡାଲ୍ ଜିତି ଆସୁଥିଲା । ମାତ୍ର ଚଳିତଥର ଭାରତୀୟ ଆଥଲେଟ୍‌ମାନେ ୫୦ ପଦକର ଅଙ୍କକୁ ଛୁଇଁପାରି ନାହାଁନ୍ତି । ତଥାପି ପଦକର ସଂଖ୍ୟା ଏଠାରେ ବଡ଼ କଥା ନୁହେଁ, କାରଣ ଆଥଲେଟିକ୍ସଠାରୁ ଆରମ୍ଭ କରି ବକ୍ସିଂ ପର୍ଯ୍ୟନ୍ତ ଅନେକ ଭାରତୀୟ ଖେଳାଳି ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଏହାସହ ଚଳିତଥର ବିଭିନ୍ନ କାରଣରୁ କିଛି ପ୍ରମୁଖ ଖେଳକୁ ରାଜ୍ୟଗୋଷ୍ଠୀ କ୍ରୀଡା ତାଲିକାରୁ ବାଦ୍ ଦିଆଯାଇଥିଲା ।

ପ୍ରଥମ ପଦକ: ପାରା ପାୱାରଲିଫ୍ଟିଂରେ ଝଣ୍ଟୁ କୁମାର ଦେଶ ପାଇଁ ପ୍ରଥମ ପଦକ ଭାବେ କାଂସ୍ୟ ଜିତିଥିଲେ ।ପ୍ରଥମ ସ୍ୱର୍ଣ୍ଣ: ଷ୍ଟାର୍ ଭାରୋତ୍ତୋଳକ ମୀରାବାଇ ଚାନୁ ସ୍ୱର୍ଣ୍ଣ ପଦକ ଜିତିବା ସହ କମନୱେଲ୍ଥ ଗେମ୍ସରେ ସ୍ୱର୍ଣ୍ଣ ଜୟର ହ୍ୟାଟ୍ରିକ୍ ପୂରା କରିଛନ୍ତି ।ଜୁଡୋରେ ଇତିହାସ: ଅସ୍ମିତା ଦେ ଭାରତର ପ୍ରଥମ ଜୁଡୋ ଖେଳାଳି ଭାବେ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।ବକ୍ସିଂରେ ଚମକ: ୨୨ ବର୍ଷ ବୟସ୍କ ଯାଦୁମଣି ସିଂହ ରୌପ୍ୟ ପଦକ ଜିତି ଭାରତୀୟ ବକ୍ସିଂର ଭବିଷ୍ୟତକୁ ନେଇ ନୂଆ ଆଶା ସଞ୍ଚାର କରିଛନ୍ତି । ଭାରତ ଆଥଲେଟିକ୍ସରେ ସର୍ବାଧିକ ୧୬ଟି ମେଡାଲ୍ ଜିତିଛି । ପ୍ରତିଯୋଗିତା ଯେତିକି ଆଗକୁ ବଢ଼ିଛି, ଭାରତର ପଦକ ସଂଖ୍ୟା ମଧ୍ୟ ସେତିକି ବଢ଼ିଚାଲିଥିଲା । ବିଶେଷକରି ଅଗଷ୍ଟ ୧ ତାରିଖରେ ଭାରତୀୟ ଆଥଲେଟ୍‌ମାନେ ଦମଦାର ପ୍ରଦର୍ଶନ କରି ଗୋଟିଏ ଦିନରେ ଏକାଥରକେ ୧୬ଟି ପଦକ ନିଜ ନାମରେ କରି ଏକ ବିରଳ ରେକର୍ଡ ସୃଷ୍ଟି କରିଥିଲେ । ଅଷ୍ଟ୍ରେଲିଆର ଭିକ୍ଟୋରିଆ ସହରରେ ଏହି କ୍ରୀଡ଼ା ଅନୁଷ୍ଠିତ ହେବାର ଥିଲା, କିନ୍ତୁ ବଜେଟ୍ ଅଧିକ ହେବାରୁ ସେଠାକାର ସରକାର ୨୦୨୩ରେ ହାତ ଟେକି ଦେଇଥିଲେ । ପରେ ଗ୍ଲାସଗୋ ଶେଷ ମୁହୂର୍ତ୍ତରେ ଆୟୋଜନ ଦାୟିତ୍ୱ ନେଇଥିଲା । ସମୟ ଅଭାବ ଏବଂ ଭିତ୍ତିଭୂମିର ଅସୁବିଧା କାରଣରୁ କ୍ରିକେଟ୍, କୁସ୍ତି ଏବଂ ହକି ଭଳି କିଛି ପ୍ରମୁଖ ଖେଳକୁ ଏଥରର ତାଲିକାରୁ ହଟାଇ ଦିଆଯାଇଥିଲା ।

**କେଉଁ ଖେଳରେ କେତେ ମେଡାଲ୍**

ଆଥଲେଟିକ୍ସ: ୧୬ ମେଡାଲ୍ (୩ ସ୍ୱର୍ଣ୍ଣ, ୭ ରୌପ୍ୟ, ୬ କାଂସ୍ୟ)
ବକ୍ସିଂ: ୧୦ ମେଡାଲ୍ (୭ ସ୍ୱର୍ଣ୍ଣ, ୩ ରୌପ୍ୟ)
ଭାରୋତ୍ତୋଳନ : ୮ ମେଡାଲ୍ (୧ ସ୍ୱର୍ଣ୍ଣ, ୬ ରୌପ୍ୟ, ୧ କାଂସ୍ୟ)
ଜୁଡୋ: ୪ ମେଡାଲ୍ (୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ କାଂସ୍ୟ)
ପାରା ପାୱାରଲିଫ୍ଟିଂ: ୧ ମେଡାଲ୍ (୧ କାଂସ୍ୟ)

## ଭାରତୀୟ ମୁଷ୍ଟିଯୋଦ୍ଧାଙ୍କୁ ଆୟରଙ୍କ ପ୍ରଶଂସା

ନୂଆଦିଲ୍ଲୀ: ଗ୍ଲାସଗୋରେ ସଦ୍ୟ ସମାପ୍ତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଆଥଲେଟମାନଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ଟ୍ୱେଣ୍ଟି-୨୦ ଅଧିନାୟକ ଶ୍ରେୟସ ଆୟର ସେମାନଙ୍କୁ ପ୍ରଶଂସା କରିଛନ୍ତି । ବିଶେଷ କରି ମୁଷ୍ଟିଯୋଦ୍ଧାମାନଙ୍କ ଐତିହାସିକ ଏବଂ ରେକର୍ଡ-ଭଙ୍ଗକାରୀ ଅଭିଯାନ ପାଇଁ ସେ ସେମାନଙ୍କର ଭୂୟସୀ ପ୍ରଶଂସା କରିଛନ୍ତି । ଆୟର 'ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି,"ଭାରତୀୟ ଦଳ ପାଇଁ କି ଅସାଧାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ା ! ଆମର ବକ୍ସରମାନେ ଗ୍ଲାସଗୋରେ ଆଧିପତ୍ୟ ବିସ୍ତାର କରି ବିପୁଳ ସ୍ୱର୍ଣ୍ଣ ପଦକ ହାସଲ ସହ ଦେଶକୁ ଗୌରବାନ୍ୱିତ କରିଛନ୍ତି । ଦେଶକୁ ପ୍ରେରଣା ଯୋଗାଇଥିବା ଆମର ସମସ୍ତ ଚାମ୍ପିଅନ ଏବଂ ପାରା-ଖେଳାଳିମାନଙ୍କୁ ଅନେକ ଅନେକ ଶୁଭେଚ୍ଛା । ଏହା ଭାରତୀୟ ଖେଳକୁଦର ଶ୍ରେଷ୍ଠ ରୂପ । ତ୍ରିରଙ୍ଗା ପିନ୍ଧିଥିବା ପ୍ରତ୍ୟେକ ଆଥଲେଟଙ୍କ ପାଇଁ ଗର୍ବିତ'' ।

### ଯନେକ୍ସ ସନରାଇଜ ସର୍ବ ଭାରତୀୟ ଜୁନିୟର ବ୍ୟାଡ ମିଣ୍ଟନ ପ୍ରତିଯୋଗିତା

# ବାଳିକା ଓ ବାଳକ ଫାଇନାଲ ଚୂଡ଼ାନ୍ତ

ଭୁବନେଶ୍ୱର,୩।୮ - ଭୁବନେଶ୍ୱର କଳିଙ୍ଗ ଷ୍ଟଡିୟମର ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡ ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ୟନେକ୍ସ ସନରାଇଜ ସମସ୍ତ ସେମି ଫାଇନାଲ ମେଚ ସମାପ୍ତ ହୋଇଯାଇ ୧ ତାରିଖ ହେବାକୁଥିବା ଫାଇନାଲ ଲାଇନ ଅପ ଚୂଡାନ୍ତ ହୋଇ ଯାଇଛି । ଆଜି ଏହି ଜାତୀୟ ରେଙ୍କିଙ୍ଗ ଟୁର୍ନାମେଣ୍ଟ ବାଳିକା ସେମି ଫାଇନାଲ ରେ ତାମିଲନାଡୁ ର ଦୀକ୍ଷା ଏସ. ଆର ନିଜ ରାଜ୍ୟ ର ଆଦର୍ଶିନୀ ଶ୍ରୀ ଙ୍କୁ ୧୫-୧୩,୧୨-୧୫,୧୫-୪ ହରାଇ ଅନ୍ୟ ସେମିଫାଇନାଲ ରେ କର୍ଣ୍ଣାଟକ ର ସାଇନା ମାନିମୁଥୁ ଙ୍କୁ ସିଧାସଳଖ ଦୁଇ ଟି ଗେମ ରେ ହରାଇଥିବା ପାରୁଲ ଚୌଧୁରୀ ଙ୍କୁ ଫାଇନାଲ ମୁକାବିଲା ରେ ଭେଟିବେ ।ବାଳକ ସିଙ୍ଗଲ ଫାଇନାଲ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଓ ତେଲେଙ୍ଗାନା ର ଟି. ଜ୍ଞାନଦତ୍ତୁ ଙ୍କ ମଧ୍ୟ ରେ ଅନୁଷ୍ଠିତ ହେବ ।ମିକ୍ସଡ଼ ଡବଲସ ଫାଇନାଲ ଖେଳ ଛତିଶଗଡ ତାମିଲନାଡୁ ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଭାମା ପ୍ରଭୁଆନନ୍ଦ ଦିଲ୍ଲୀ ଉତ୍ତରାଖଣ୍ଡ ଯୋଡି ଯୋଗନ୍ସ ସିଂ ଓ ଅନ୍ୟା ବିସ୍ତ ଙ୍କ ମଧ୍ୟ ରେ ଅନୁଷ୍ଠିତ ହେବ ।




ବାଳିକାବିଭାଗ ର ଡବଲସ ସେମିଫାଇନାଲ ରେ ଉତ୍ତରାଖଣ୍ଡ ର ଆନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରା ତାମିଲନାଡୁ କର୍ଣ୍ଣାଟକ ଯୋଡି ବର୍ଣ୍ଣକ୍ଷ ପ୍ରଭୁଆନନ୍ଦ ଓ ସୁହୀନ ରୟ ଙ୍କୁ ୧୬-୧୮,୧୫-୮ ଓ ୧୫-୫ ପଏଣ୍ଟ ରେ ହରାଇ ଫାଇନାଲ ରେ ପହଞ୍ଚିଛନ୍ତି । ଏହି ବିଭାଗ ର ଦ୍ୱିତୀୟ ସେମିଫାଇନାଲ ରେ କର୍ଣ୍ଣାଟକ ଯୋଡି ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବି ଭି ବୃଦ୍ଧି ତେଲେଙ୍ଗାନା ତାମିଲନାଡୁ ଯୋଡି ଲକ୍ଷ୍ମୀ ରିଧିମା ଓ ଅଞ୍ଜନା ମାଣିକନ୍ଦମ ଙ୍କୁ ୧୫-୮, ୧୫-୧୩ ପଏଣ୍ଟ ହରାଇ ଫାଇନାଲ ରେ ପହଞ୍ଚିଛନ୍ତି ।

ବାଳକ ଡବଲସ ସେମି ଫାଇନାଲ ରେ କେରଳ ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ ପି ଭି ଓ ଯୋଗନ୍ସ ସିଂ ଆନ୍ଧ୍ର ତେଲେଙ୍ଗାନା ଯୋଡି ଅଭିଷେକ ବୋନୁ ଓ ସାଇ ସିଦ୍ଧାର୍ଥ ଙ୍କୁ ୧୧-୧୫,୧୫-୮ ଏବଂ ୨୦-୧୮ ରେ ହରାଇ ଫାଇନାଲ ରେ ପହଂଚିଛନ୍ତି ।

ଏହି ବିଭାଗ ର ଦ୍ୱିତୀୟ ସେମି ରେ କର୍ଣ୍ଣାଟକ ଯୋଡି ପବନ ଏସ. ଓ ପୁନିଥ ଏସ. ଛତିଶଗଡ ଓ ମଣିପୁର ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଅମରଜିତ ସିଂ ଙ୍କୁ ସିଧାସଳଖ ୧୫-୯ ଓ ୧୫-୧୨ ପଏଣ୍ଟ ରେ ହରାଇ ଫାଇନାଲ ରେ ପହଂଚିଛନ୍ତି । ସୁରୁଲାଲ ମଟାରୀ ଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଆଜି ସେମି ଫାଇନାଲ ରେ ପରାସ୍ତ ହୋଇ ପ୍ରଜିଯୋଗୀତା ରେ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ଓ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇ ଥିଲା । ସଫଳ ଆୟୋଜନ ପାଇଁ କାମ କରୁଥିବା ରାଜ୍ୟ ଓ ଜାତୀୟ ସ୍ତର ର ଟେକ୍ନିକାଲ ଅଫିସିଏଲ, ମୁଖ୍ୟ ରେଫରୀ ଡେପୁଟି ରେଫରୀ, ମେଚ କଂଟ୍ରୋଲର ଓ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।୧ ତାରିଖ ଦିନ ସମସ୍ତ ବିଭାଗ ର ଫାଇନାଲ ଖେଳ ପୂର୍ବାହ୍ନ ୧୦ ଘଣ୍ଟା ସମୟ ରେ ଆରମ୍ଭ ହେବ ଏବଂ ପରେ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ ହେବ ବୋଲି ଓସବା ସଂପାଦକ ତଥା ପ୍ରତିଯୋଗିତା ର ନିର୍ଦ୍ଦେଶକ ନିଳିନ କୁମାର ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ଚିପ୍ ରେଫରି ତ୍ରିଲୋକ ଶୁକ୍ଲା, ଡେପୁଟି ରେଫରି ଭାବରେ ମାଧବ ନାରାୟଣ ଓ ପ୍ରଣବ ବିଷ୍ଣୋଇ, ମ୍ୟାଚ କଂଟ୍ରୋଲ ଭାବେ ସନ୍ଦିପ ହେବଲେ ଦାୟିତ୍ୱ ତୁଲାଉଥିବା ବେଳେ ଓଡିଆ ରେଫରି ବିଜୟ କୁମାର ବାଗ ବୈଷୟିକ ସହାୟକ ଭାବେ କାମ କରୁଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982